## ଅଲ୍ଲାଃ ତାଲାଙ୍କ ବାଣୀ

فَاِذَا عَزَمۡتَ

فَتَوَکَّلۡ عَلَی اللّٰہِ ؕ

اِنَّ اللّٰہَ یُحِبُّ الۡمُتَوَکِّلِیۡنَ ○

(آل عمران:160)

ଅନୁବାଦ- ଏବଂ ଯେତେବେଳେ ତୁମେ (ଯାହା କୌଣସି ବିଷୟରେ) ଦୃଢ଼ ସଂକଳ୍ପ କର, ତେବେ ଅଲ୍ଲାଃଙ୍କ ଉପରେ ଭରଷା କର; ନିଶ୍ଚୟ ଅଲ୍ଲାଃ ଭରଷାକାରୀମାନଙ୍କୁ ପ୍ରେମ କରନ୍ତି ।

*(ଆଲେ ଇମରାନ୍: ୧୬୦)*


بِسۡمِ اللّٰہِ الرَّحۡمٰنِ الرَّحِیۡمِ نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡدِ

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ 4

ସଂଖ୍ୟା 50

ସାପ୍ତାହିକ

# ବଦର

Weekly BADAR Qadian

କାଦିଆନ

Odia

ବାର୍ଷିକ ଦେୟ: ୫୦୦/-

ସମ୍ପାଦକ : କମରୁଲ ହକ୍ ଖାନ୍

ସହ-ସମ୍ପାଦକ : ମକସୁଦ୍ ଅଲୀ ଖାନ୍

www.akhbarbadarqadian.in

12 ଡ଼ିସେମ୍ବର 2019 12 ଫତାଃ 1398 ହି.ଶ 14 ରବିଉଲ୍ ସାନି 1441 ହି.କ


## ଅହମଦୀୟା ଖବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପଂଚମ[ଅ.ବ]କୁଶଳ ଓ ମଙ୍ଗଳରେ ଅଛନ୍ତି । (ଅଲ୍ହମ୍ଦୋଲିଲ୍ଲାଃ)

ହୁଜୁର ଅନ୍ଓ୍ୱର[ଅ.ବ]ଙ୍କ ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ । ଅଲ୍ଲାଃତାଲା ହୁଜୁର[ଅ.ବ]ଙ୍କୁ ପ୍ରତ୍ୟେକ ମୁହୂର୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ ।

॥ ଆମିନ୍ ॥ ॥

**ଅଲ୍ଲାହୁମ୍ମା ଐୟଦ୍ ଇମାମନା ବେରୁହିଲ୍ କୁଦୁସ୍ ଓ୍ୱ ବାରିକ୍ଲନା ଫି'ଉମ୍ରିହି ଓ୍ୱ ଅମ୍ରିହି ॥**

---

**ଆମ ନବୀ କରିମ ସ:ଆ:ସଙ୍କଠାରୁ ବଳି ଦୁନିଆରେ କୌଣସି ପୂର୍ଣ୍ଣ ମାନବର ନମୁନା ମହଜୁଦ୍ ନାହିଁ ନା' ତ ଆସନ୍ତା କୟାମତ ପର୍ଯ୍ୟନ୍ତ ହୋଇପାରିବେ ।**

## ହଜରତ ମସିହ ମଉଦ[ଆ.ସ]ଙ୍କ ନୀତି ବାଣୀ

### ଆଁ ହଜରତ ସ:ଆ:ସଙ୍କ ଅବୁଦିୟତ୍ (ଅର୍ଥାତ ଈଶ୍ୱରଙ୍କ ଦାସତ୍ୱ ଗ୍ରହଣ କରିବା)

ପବିତ୍ର କୋରାନ୍‌କୁ ପଢ଼ି ଦେଖିନିଅ ଅନ୍ୟମାନେ ତ ଅନ୍ୟମାନେ ଆମ ନବୀ କରିମ ସ:ଆ:ସଙ୍କଠାରୁ ବଳି ଦୁନିଆରେ କୌଣସି ପୂର୍ଣ୍ଣ ମାନବର ନମୁନା ମହଜୁଦ୍ ନାହିଁ ନା' ତ ଆସନ୍ତା କୟାମତ ପର୍ଯ୍ୟନ୍ତ ହୋଇପାରିବେ । ପୁଣି ଦେଖନ୍ତୁ ଯେ, ଇକ୍‌ତେଦାରି ମୋଜେଜାତ୍ (ଅର୍ଥାତ ଚମତ୍କାରର ଶକ୍ତି) ମିଳିବା ପରେ ମଧ୍ୟ ହଜୁରଙ୍କ ସହିତ ସର୍ବଦା ଅବୁଦିୟତ୍ ହିଁ ରହିଛି ଏବଂ ବାରମ୍ବାର ***ଇନ୍ନମା ଆନା ବଶରୁମ୍ ମିସ୍‌ଲୁକୁନ୍*** (ଅଲ୍‌କହଫ୍ : ୧୧୧) ହିଁ କହି ଚାଲୁଥିଲେ । ଏପରି କି କଲ୍‌ମାଏ ତୌହିଦ୍‌ରେ ନିଜର ଅବୁଦିୟତ୍‌ର ସ୍ୱୀକାରୋକ୍ତିକୁ ଗୋଟିଏ ଅଂଶରେ ଜରୁରୀ ଅଭିହିତ କରିଦେଲେ । ଯାହା ବ୍ୟତିରେକେ ମୁସଲମାନ ମୁସଲମାନ ହିଁ ହୋଇନପାରେ । ଚିନ୍ତାକର ! ଏବଂ ପୁଣି ଚିନ୍ତାକର !! ସୁତରାଂ ଯେଉଁ ଅବସ୍ଥାରେ ହାଦିୟେ ଅକ୍‌ମଲ୍ (ଆଁ ହଜରତ ସ:ଆ:ସ) ଙ୍କ ଜୀବନଶୈଳୀ ଆମକୁ ଏ ଶିକ୍ଷା ଦେଉଛି ଯେ,(ଅଲ୍ଲାଃଙ୍କ) ସର୍ବୋଚ୍ଚ ନିକଟତର ସ୍ଥାନରେ ପହଂଚି ଯାଇ ମଧ୍ୟ ଅବୁଦିୟତ୍‌ର ସ୍ୱୀକାରୋକ୍ତିକୁ ହାତଛଡ଼ା କରିନାହାନ୍ତି ତେଣୁ ଆଉ କାହାକୁ ତ ଏପରି ଭାବିବା ଓ ଏପରି କଥାକୁ ମନ ଭିତରେ ଆଣିବା ହିଁ ବ୍ୟର୍ଥ ।

### ତସ୍‌ରୁଫାତ୍ (ଚମତ୍କାର ଦେଖାଇବା) ର ଦୁଇଟି କିସମ

ହଁ ! ଏହା ସତ୍ୟକଥା ଯେ, ଏହାକୁ କେହି ଅସ୍ୱୀକାର କରିପାରିବେ ନାହିଁ ଯେ, ଅଲ୍ଲାଃ ତାଲାଙ୍କ ତସ୍‌ରୁଫାତ୍ ଅସୀମ ଓ ଅଗଣତି । ସେଗୁଡ଼ିକର ସଂଖ୍ୟାକୁ ଗଣିବା ଅସମ୍ଭବ ମଣିଷ ଯେତେମାତ୍ରାରେ ଉଦ୍ୟମ କରିଥାଏ ସେତେମାତ୍ରାରେ ସେ ଅଲ୍ଲାଃ ତାଲାଙ୍କ ନିକଟତର ହୋଇଥାଏ ସେହି ଦୃଷ୍ଟିକୋଣରୁ ଉକ୍ତ ତସ୍‌ରୁଫାତ୍ ର ଏକ ପ୍ରକାର ରଙ୍ଗ ତା' ଉପରେ ଚଢ଼ିଯାଏ ଏବଂ ତସ୍‌ରୁଫାତ୍ ଅଲ୍ଲାଃଙ୍କୁ ଚିହ୍ନିବାର ମାର୍ଗକୁ ତା'ପାଇଁ ଖୋଲିଦିଏ । ଏ କଥା ଏଠାରେ ବର୍ଣ୍ଣନା କରିବା ମଧ୍ୟ ଉଚିତ ଅବସର ଜଣାପଡୁଛି ଯେ, ତସ୍‌ରୁଫାତ୍ ମଧ୍ୟ ଦୁଇପ୍ରକାରର ଗୋଟିଏ ମଖ୍‌ଲୁକ୍ ହୋଇଥିବା ଯୋଗୁଁ (ଅର୍ଥାତ ଅଲ୍ଲାଃଙ୍କ ସୃଷ୍ଟଜ ପ୍ରାଣୀ ହୋଇଥବା ଯୋଗୁଁ) ଏବଂ ଦ୍ୱିତୀୟଟି ହେଉଛି କୁର୍ବ (ଅର୍ଥାତ ଅଲ୍ଲାଃଙ୍କ ନିକଟତର ହେବା) । ଅମ୍ବିୟା ଆଲୈହିମ୍ ସଲାମଙ୍କ ସହିତ ଗୋଟିଏ ତସ୍‌ରୁଫ୍ ମଖ୍‌ଲୁକ୍ ହୋଇଥିବା ଯୋଗୁଁ ପ୍ରକାଶ ହୋଇଥାଏ ଯାହା ***ୟାକୁଲୁତ୍ ତାମା ଓ୍ୱ ୟମ୍‌ଶି ଫିଲ୍‌ଅସ୍‌ଓ୍ୱାକ୍*** (ଅଲ୍‌ଫୁର୍‌କାନ୍ : ୮) ଇତ୍ୟାଦି ରଙ୍ଗରେ ହୋଇଥାଏ । ସ୍ୱାସ୍ଥ୍ୟବାନ ହେବା ଓ ରୋଗ ଇତ୍ୟାଦି ତାହାର ଅକ୍ତିଆରରେ ରହିଥାଏ ଏବଂ ଏକ ନୂଆ ତସ୍‌ରୁଫ୍ (ଅଲ୍ଲାଃଙ୍କ) ନିକଟତର ହେବାର ସ୍ତରରେ ରହିଥାଏ । ଅଲ୍ଲାଃ ତାଲା ଏପରି ଭାବେ ସେମାନଙ୍କ ନିକଟତର ହୋଇଯାଏ ଯେ, ତାଙ୍କ ସହିତ ସମ୍ବୋଧନ ଓ ବାର୍ତାଳାପ ଆରମ୍ଭ ହୋଇଯାଏ । ସେମାନଙ୍କ ପ୍ରାର୍ଥନାର ଉତର ମିଳିଥାଏ । କିନ୍ତୁ କିଛି ଲୋକ ଏହାକୁ ବୁଝିପାରିବେ ନାହିଁ ଏବଂ ଏତିକି ହିଁ ନୁହେଁ ବରଂ ବାର୍ତାଳାପ ଓ ସମ୍ବୋଧନ କରିବାଠାରୁ ଅଧିକା ଏପରି ଏକ ସମୟ ଆସିଥାଏ ଯେ, ଅଲ୍‌ଓ୍ୱହିୟତ୍ (ଈଶ୍ୱରତ୍ୱ) ର ଚାଦର ସେମାନଙ୍କ ଉପରେ ପଡ଼ିଯାଏ ଏବଂ ଖୁଦାତାଲା ନିଜ ଅସ୍ତିତ୍ୱର ଭଳିଭଳି ନମୁନା ସେମାନଙ୍କୁ ଦେଖାଇଥାଏ । ସେହି ନିକଟତର ହେବାର ଓ ସମ୍ପର୍କର ଗୋଟିଏ ଠିକ୍ ଉଦାହରଣ ହେଉଛି ଏମିତି ଯେପରି ଲୁହାକୁ କିଛି ସମୟ ନିଆଁରେ ରଖିଦେବା ପରେ ତାହା ପ୍ରଭାବିତ ହୋଇ ଲାଲ୍ ନିଆଁର ଏକ ଖଣ୍ଡଭାବେ ଦେଖାଯାଇଥାଏ । ସେ ସମୟରେ ତା'ଠାରୁ ଅଗ୍ନି ସଦୃଶ ଆଲୋକ ମଧ୍ୟ ବାହାରୁଥାଏ ଇହ୍‌ରାକ୍ ଯାହା ନିଆଁର ଏକ ବିଶେଷଗୁଣ ତାହା ମଧ୍ୟ ତା' ମଧ୍ୟରେ ଆସିଯାଇଥାଏ । କିନ୍ତୁ ପ୍ରକୃତରେ ଏହା ଏକ ସ୍ପଷ୍ଟ କଥା ଯେ, ସେହି ଲୁହାଟି ନିଆଁ ଖଣ୍ଡ ନୁହେଁ ବା ନିଆଁ ହୋଇନଥାଏ ।

### ଗୋଟିଏ ସ୍ଥାନରେ ଅହ୍‌ଲୁଲ୍ଲାଃ (ଅଲ୍ଲାଃଙ୍କ ଲୋକ)ଙ୍କଠାରୁ ଏପରି କାର୍ଯ୍ୟ ପ୍ରକାଶ ହୋଇଯାଏ ଯାହା ନିଜ ଭିତରେ ଅଲ୍‌ଓ୍ୱହିୟତ୍ (ଈଶ୍ୱରତ୍ୱ)ର ବିଶେଷତା ରଖିଥାଏ

ଏହିପରି ଆମର ଅଭିଜ୍ଞତାରେ ଆସିଛି ଯେ, ଅହ୍‌ଲୁଲ୍ଲାଃ ଈଶ୍ୱରଙ୍କ ନିକଟତର ହେବାରେ ଏପରି ସ୍ଥାନରେ ପହଂଚିଯାଇଥାନ୍ତି ଯେତେବେଳେ ଈଶ୍ୱରଙ୍କ ରଙ୍ଗ ମନୁଷ୍ୟର ରଙ୍ଗ ଓ ବାସ୍ନାକୁ ସମ୍ପୂର୍ଣ୍ଣରୂପେ ନିଜ ରଙ୍ଗର ଅନ୍ତର୍ଗତ କରିନିଏ । ଯେଉଁଭଳି ଅଗ୍ନି ଲୁହାକୁ ନିଜ ଅଧିନରେ ନେଇ ଏପରି ଲୁଚାଇ ନିଏ ଯେ, ପ୍ରକାଶ୍ୟରେ ତାହା ଗୋଟିଏ ଅଗ୍ନି ପିଣ୍ଡୁଳା ବ୍ୟତିତ ଆଉ କିଛି ଦେଖାଯାଇନଥାଏ ଏବଂ ଛାୟାରୂପେ ସେ ଐଶ୍ୱରିକ ବିଶେଷତାର ରଙ୍ଗକୁ ନିଜ ଭିତରେ ସୃଷ୍ଟି କରିନିଏ ।

ସେତେବେଳେ ତା'ଠାରୁ ପ୍ରାର୍ଥନା ଓ ନିବେଦନ ଯୋଗୁଁ ଏପରି କାର୍ଯ୍ୟ ସମ୍ପାଦନ ହୋଇଥାଏ ଯାହା ନିଜ ଭିତରେ ଈଶ୍ୱରତ୍ୱର ବିଶେଷଗୁଣଗୁଡ଼ିକୁ ଧରି ରଖିଥାଏ ଏବଂ ସେ ଏପରି କଥା ମୁହଁରୁ ବାହାର କରିଥାଏ ଯାହାକୁ ଯେଉଁଭଳି କହିଥାଏ ତାହା ସେହିପରି ହୋଇଯାଏ । ପବିତ୍ର କୋରାନ୍‌ରେ ରସୁଲୁଲ୍ଲାଃ ସ:ଆ:ସଙ୍କ ହାତ ଓ ମୁହଁରୁ ଏପରି କାର୍ଯ୍ୟ ସମ୍ପାଦନ ହୋଇଛି ଯେମିତି କି, କୁହାଯାଇଛି ***ମା ରମୈତା ଇଜ୍‌ରମୈତା ଓ୍ୱଲାକିନ୍‌ଲ୍ଲାହା ରମା*** (ଅଲ୍‌ଅନ୍‌ଫାଲ୍ : ୧୮) ଏବଂ ଏହିପରି ଚମତ୍କାର ଚନ୍ଦ୍ର ଦୁଇଖଣ୍ଡ ହେବାର ଏବଂ ଏହିପରି ଅଧିକାଂଶ ରୋଗୀ ଓ ଦୃବଳ ଲୋକମାନଙ୍କୁ ଠିକ୍ କରିଦେବାର ପ୍ରମାଣ ରହିଛି । ପବିତ୍ର କୋରାନ୍‌ରେ ଯେଉଁ କଥା ଆମ ନବୀ କରିମ୍ ସ:ଆ:ସଙ୍କ ନିମନ୍ତେ କୁହାଯାଇଛି ଯେ, ଅର୍ଥାତ **ମା ୟନ୍‌ତିକୁ ଅନିଲ୍ ହଓ୍ୱା** (ଅଲ୍‌ନଜମ୍:୪) ଏହା ଭୀଷଣ ଏବଂ ସର୍ବୋତମ ସ୍ତରର କୁର୍ବ ଅର୍ଥାତ ନିକଟତର ହେବାପ୍ରତି ଇଙ୍ଗିତ ଏବଂ ରସୁଲୁଲ୍ଲାଃ ସ:ଆ:ସଙ୍କ ପୂର୍ଣ୍ଣମୟ ପବିତ୍ର ମନ ଏବଂ ଈଶ୍ୱରଙ୍କ ନିକଟତର ହେବା ଏହାର ଏକ ପ୍ରମାଣ ।

ପବିତ୍ର ହଦିସ୍‌ରେ ଆସୁଛି ଯେ, ଅଲ୍ଲାଃ ତାଲା ବିଶ୍ୱାସକାରୀ ଭକ୍ତଙ୍କ ହାତ, ଗୋଡ଼ ଏବଂ ଆଖି ଇତ୍ୟାଦି ହୋଇଯାଇଥାଏ । ଏହାର ଅର୍ଥ ହେଉଛି ଏପରି କି, ସମସ୍ତ ଅଙ୍ଗଗୁଡ଼ିକ ଅଲ୍ଲାଃଙ୍କ ଆଜ୍ଞାବହତା ସ୍ୱୀକାର କରି ତାହାଙ୍କ ରଙ୍ଗରେ ରଙ୍ଗୀନ ହୋଇଯାଇଥାନ୍ତି ଯେମିତି କି, ସେ ଏକ ଅଲ୍ଲାଃଙ୍କର ଏକ ଅସ୍ତ୍ର, ଯାହା ଜରିଆରେ ସମୟେ ସମୟେ ଅଲ୍ଲାଃଙ୍କ କାର୍ଯ୍ୟ ପରପ୍ରକାଶ ହୋଇଥାଏ ଅଥବା ଗୋଟିଏ ସ୍ୱଚ୍ଛ ଆଇନା, ଯେଉଁଥିରେ ଐଶ୍ୱରୀକ ଇଚ୍ଛା ସମ୍ପୂର୍ଣ୍ଣରୂପେ ପ୍ରତିଫଳିତ ହୋଇ ପରିପ୍ରକାଶ ହୋଇଥାଏ ବା ଏପରି କହିପାରିବା ଯେ, ଏହିଭଳି ଅବସ୍ଥାରେ ସେ ନିଜକୁ ମାନବିକତାରୁ ସମ୍ପୂର୍ଣ୍ଣରୂପେ ଅଲଗା କରିନେଇଥାଏ । ଉଦାହରଣ ସ୍ୱରୁପ ଯେତେବେଳେ ମନୁଷ୍ୟ କଥା କହିଥାଏ ସେତେବେଳେ ତା ମନ ଭିତରେ ଏ ଭାବନା ଆସିଥାଏ ଯେ, ଲୋକମାନେ ତା'ର ସୁନ୍ଦର ଭାଷା ଓ ସୁନ୍ଦର ବକ୍ତବ୍ୟ ଏବଂ ତା' କଥା କହିବାର ସାମର୍ଥ୍ୟକୁ ପ୍ରଶଂସା କରନ୍ତୁ । କିନ୍ତୁ ଏପରି ଲୋକେ ଯେଉଁମାନେ ଖୁଦାଙ୍କ ଆଦେଶ ମୁତାବକ କହିଥାନ୍ତି ସେମାନଙ୍କର ଆତ୍ମା ଯେତେବେଳେ ଜୋଶ ମାରିଥାଏ ସେତେବେଳେ ଅଲ୍ଲାଃ ତାଲାଙ୍କ ତରଫରୁ ଗୋଟିଏ ଢେଉ ତା'ଉପରେ ପ୍ରଭାବ ପକାଇ ଲହଡ଼ି ସୃଷ୍ଟି କରିଦିଏ ଏବଂ ନିଜର ଆବାଜ୍ ଓ କଥା ଦ୍ୱାରା ସେମାନେ କହନ୍ତି ନାହିଁ ବରଂ ଐଶ୍ୱରିକ ଅବସ୍ଥାରେ, କଥାରେ ଓ ଜୋଶ୍‌ରେ (କହିଥାନ୍ତି) ଏବଂ ସେହିପରି ସେମାନେ ଦେଖିଥାନ୍ତି, ଯେମିତି ଏ ନିୟମ ରହିଛି ଯେ, ଦେଖିବାରେ ଏକ ଧ୍ୟାନ ମଗ୍ନତା ସାମିଲ ହୋଇଥାଏ ତେଣୁ ସେମାନଙ୍କ ଦେଖିବା ନିଜ ଦଖଲରେ ନଥାଏ ବରଂ ଖୁଦାତାଲାଙ୍କ ଜ୍ୟୋତିଦ୍ୱାରା ଏବଂ ସେ ସେମାନଙ୍କୁ ଏପରି ଏକ ବସ୍ତୁ ଦେଖାଇଥାଏ ଯାହାଙ୍କୁ ଅନ୍ୟ ଧ୍ୟାନରତ ମଗ୍ନ ଆଖି ମଧ୍ୟ ଦେଖିପାରିନଥାଏ ।

*(ମଲ୍‌ଫୁଜାତ୍ ଖଣ୍ଡ-୧, ପୃ-୧୦୦ ରୁ ୧୦୩ ମୁଦ୍ରିତ ୨୦୧୮ କାଦିୟାନ)*

## କୌଣସି ନାସିର୍ ଏପରି ରହିବା ଉଚିତ ନୁହେଁ ଯିଏ ପାଂଚ ବେଳା ନମାଜ ପଢ଼ିବାରେ ଅବହେଳା କରୁଥିବ ।

ଏବେ ତକ୍‌ୱାରେ ଉନ୍ନତି ସେମାନେ କରିବେ ଯେଉଁମାନେ ଖିଲାଫତ ବ୍ୟବସ୍ଥା ସହିତ ଯୋଡ଼ି ହୋଇ ରହିବେ । ସେମାନଙ୍କୁ ପାପରୁ ମୁକ୍ତି ମିଳିବ ଯେଉଁମାନେ ଖିଲାଫତ୍ ସହିତ ପ୍ରେମ ଏବଂ ଆଜ୍ଞାବହତା ସ୍ୱୀକାର କରିବାରେ ଉନ୍ନତି କରିଚାଲିବେ ।

ଦେଖନ୍ତୁ ଏହା ଅଲ୍ଲାଃ ତାଲାଙ୍କର କେତେବଡ଼ ଆଶିର୍ବାଦ ଯେ, ସେ ଯୁଗ ଖଲିଫାଙ୍କ ନିକଟତର ହେବା ପାଇଁ ଏମ୍‌ଟିଏ ର ମାଧ୍ୟମ ମଧ୍ୟ ପ୍ରଦାନ କରିଛନ୍ତି ।

ଆପଣମାନେ ସମସ୍ତ ଖୁତ୍‌ବା ଜୁମା ଏବଂ ବିଭିନ୍ନ ଅବସରରେ ଦିଆଯାଇଥିବା ଅଭିଭାଷଣଗୁଡ଼ିକୁ ସିଧାସଳଖ ଶୁଣିପାରୁଛନ୍ତି, ସେଥିଯୋଗୁଁ ନିଜେ ମଧ୍ୟ ଏବଂ ନିଜ ପରିବାର ବର୍ଗଙ୍କୁ ମଧ୍ୟ ଏମ୍‌ଟିଏ ସହିତ ଯୋଡ଼ି ରଖନ୍ତୁ ଏବଂ ଯେଉଁ ପୂଣ୍ୟ କଥାଗୁଡ଼ିକ ଶୁଣୁଛନ୍ତି ତା'ଉପରେ ପରିଚାଳିତ ହେବା ପାଇଁ ଚେଷ୍ଟା କରନ୍ତୁ ।

ଅକ୍ଟୋବର ୨୦୧୯ ମସିହାରେ ଅନୁଷ୍ଠିତ ହୋଇଥିବା ବାର୍ଷିକ ଇଜ୍‌ତିମା ମଜ୍‌ଲିସ୍ ଅନ୍‌ସାରୁଲ୍ଲାଃ ଭାରତ ଅବସରରେ ସୟଦନା ହଜୁର ଅନଓ୍ୱର ଅ:ବ:ଅଙ୍କ ଜ୍ଞାନବର୍ଦ୍ଧକ ବିଶେଷ **ବାର୍ତ୍ତା**

**ଇସଲାମାବାଦ (ୟୁ.କେ) MA-24.09.2019**

ମଜ୍‌ଲିସ୍ ଅନ୍‌ସାରୁଲ୍ଲାଃ ଭାରତର ପ୍ରୀୟ ସଦସ୍ୟଗଣ

ଅସଲାମୁ ଆଲୈକୁମ୍ ଓ୍ୱ ରହମତୁଲ୍ଲାହି ଓ୍ୱ ବରକାତହୁ

ଅଲ୍‌ହମ୍‌ଦୁଲିଲ୍ଲାଃ ଆପଣମାନଙ୍କୁ ଏ ବର୍ଷ ମଧ୍ୟ ନିଜର ବାର୍ଷିକ ଇଜ୍‌ତିମା ଅନୁଷ୍ଠିତ କରିବା ପାଇଁ ସୌଭାଗ୍ୟ ମିଳୁଛି । ଅଲ୍ଲାଃ ତାଲା ସମସ୍ତ ଅନ୍‌ସାରମାନଙ୍କୁ ଏହି ବାବର୍‌କତ୍ ଅବସରରୁ ଭରପୂର ଲାଭ ଉଠାଇବା ପାଇଁ ଶକ୍ତି ପ୍ରଦାନ କରନ୍ତୁ ଆମିନ୍ । ମୋ ନିକଟରୁ ଏହି ଅବସରରେ ବାର୍ତ୍ତା ପଠାଇବା ପାଇଁ ନିବେଦନ କରାଯାଇଛି । ମୁଁ ଏ ଅବସରରେ ଆପଣମାନଙ୍କୁ କିଛି ଉପଦେଶ ଦେବାକୁ ଚାହୁଁଛି ।

ଏହା ଅଲ୍ଲାଃ ତାଲାଙ୍କର ବହୁତ ବଡ଼ ଉପକାର ଯେ, ଆପଣମାନେ ଇମାମୁଜ୍‌ଜମା ହଜରତ ମସିହ ମଉଦ ଆ:ସଙ୍କୁ ମାନିବା ଓ ଖିଲାଫତ ଅହେମଦୀୟା ସହିତ ଯୋଡ଼ି ହୋଇ ରହିବାର ସୌଭାଗ୍ୟ ପାଇଛନ୍ତି । ହଜରତ ମସିହ ମଉଦ ଆ:ସ ବାରମ୍ବାର ନିଜ ପ୍ରୀୟ ଯମାତ୍‌କୁ ଧର୍ମ ପରାୟଣତାରେ ଉନ୍ନତି ଆଣିବା ପାଇଁ ଉପଦେଶ ଦେଇଛନ୍ତି ଓ ତାହାକୁ ହାସଲ କରିବା ପାଇଁ ମାର୍ଗ ଦର୍ଶନ ମଧ୍ୟ କରିଛନ୍ତି ସୁତରାଂ ଆପଣ ଆ:ସ କହୁଛନ୍ତି:

''ଗୋଟିଏ ଜରୁରୀ କଥା ହେଉଛି ଏହା କି, ତକ୍‌ୱାରେ ଉନ୍ନତି କର, ଉନ୍ନତି ମଣିଷ ନିଜେ କରିପାରିନଥାନ୍ତା ଯେ ପର୍ଯ୍ୟନ୍ତ ଗୋଟିଏ ଯମାତ୍ ଓ ତା'ର ଜଣେ ଇମାମ୍ ନଥାନ୍ତା ଯଦି ମଣିଷ ମଧ୍ୟରେ ଏ ଶକ୍ତି ଥାନ୍ତା ଯେ, ସେ ନିଜକୁ ନିଜେ ଉନ୍ନତି କରାଇପାରେ ତେବେ ପୁଣି ଅମ୍ବିୟା (ଅବତାର) ମାନଙ୍କର ଆବଶ୍ୟକତା ନଥିଲା ତକ୍‌ୱା ପାଇଁ ଏପରି ଜଣେ ବ୍ୟକ୍ତି ଜନ୍ମ ହେବାର ଆବଶ୍ୟକ ରହିଛି ଯିଏ ଆକର୍ଷଣୀୟ ବ୍ୟକ୍ତିତ୍ୱ ହୋଇଥିବ ଏବଂ ଦୁଆ ଜରିଆରେ ସେ ଲୋକମାନଙ୍କୁ ପବିତ୍ର କରୁଥିବ । ଦେଖ କେତେ ବଡ଼ ବଡ଼ ଅଧିକାରୀ ମାନେ ଆସି ଚାଲଗଲେଣି କ'ଣ କିଏ କେବେ ସ୍ୱାଲେହିନ୍ ଅର୍ଥାତ ପୂଣ୍ୟବନ୍ତ ଲୋକମାନଙ୍କର ଯମାତ୍ ମଧ୍ୟ ତିଆରି କରିଛି କି, କଦାପି ନୁହେଁ ଏହାର କାରଣ ଏହା ଥିଲା ଯେ, ସେମାନେ ଆକର୍ଷଣର ମାଲିକ ନଥିଲେ କିନ୍ତୁ ଆଁ ହଜରତ ସ:ଆ:ସ କିପରି ବନାଇଦେଲେ ଅସଲ କଥା ହେଉଛି ଏହା ଯେ, ଯାହାକୁ ଅଲ୍ଲାଃ ତାଲା ପ୍ରେରଣ କରିଥାନ୍ତି ତାଙ୍କଠାରେ ଏକପ୍ରକାର ଅମୃତର ତତ୍ୱ ରଖିଦେଇଥାନ୍ତି । ସୁତରାଂ ଯେଉଁ ବ୍ୟକ୍ତି ପ୍ରେମ ଓ ଆଜ୍ଞବହତା ସ୍ୱୀକାର କରିବାରେ ଉନ୍ନତି କରିଥାଏ ତାହାର ଅମୃତ ରୁପକ ତତ୍ୱ ଯୋଗୁଁ ତା'ର ପାପର ଜହର ଦୂର ହୋଇଯାଏ ଏବଂ କୃପାର ପାଦଟିକା ତା'ଉପରେ ମଧ୍ୟ ପଡ଼ିବାକୁ ଲାଗିଯାଏ'' *(ମଲ୍‌ଫୁଜାତ ଖଣ୍ଡ-୩, ପୃ-୬୨୬ ରୁ ୬୨୭)*

ସୁତରାଂ ଅଲ୍ଲାଃ ତାଲା ଏ ଯୁଗରେ ହଜୁର ସ:ଆ:ସଙ୍କ ସଚ୍ଚା ପ୍ରେମୀ ଓ ନିଜର ଅତ୍ୟନ୍ତ ପ୍ରୀୟ ମସିହ ଓ ମେହେଦୀଙ୍କୁ ପ୍ରେରଣ କଲେ ପୁଣି ତାଙ୍କ ଉତରାଧିକାରୀ ସ୍ୱରୁପ ଖିଲାଫତ୍‌ର ସ୍ଥାୟୀ ସିଲ୍‌ସିଲା ମଧ୍ୟ ଜାରି କଲେ । ଏବେ ତକ୍‌ୱାରେ ଉନ୍ନତି ସେହିମାନେ କରିବେ ଯେଉଁମାନେ ନିଜାମେ ଖିଲାଫତ୍ ସହିତ ଯୋଡ଼ି ହୋଇ ରହିବେ । ଦେଖନ୍ତୁ ଏହା ଅଲ୍ଲାଃ ତାଲାଙ୍କର କେତେବଡ଼ ଉପକାର ଯେ ସେ ଯୁଗ ଖଲିଫାଙ୍କ ନିକଟତର ହେବା ପାଇଁ ଏମ୍‌ଟିଏର ମାଧ୍ୟମ ପ୍ରଦାନ କରିଛନ୍ତି । ଆପଣମାନେ ସମସ୍ତ ଖୁତ୍‌ବା ଜୁମା ଏବଂ ବିଭିନ୍ନ ଅବସରରେ ଦିଆଯାଇଥିବା ଅଭିଭାଷଣଗୁଡ଼ିକୁ ସିଧାସଳଖ ଶୁଣିପାରୁଛନ୍ତି, ସେଥିଯୋଗୁଁ ନିଜେ ମଧ୍ୟ ଏବଂ ନିଜ ପରିବାର ବର୍ଗଙ୍କୁ ମଧ୍ୟ ଏମ୍‌ଟିଏ ସହିତ ଯୋଡ଼ି ରଖନ୍ତୁ ଏବଂ ଯେଉଁ ପୂଣ୍ୟ କଥାଗୁଡ଼ିକ ଶୁଣୁଛନ୍ତି ତା'ଉପରେ ପରିଚାଳିତ ହେବା ପାଇଁ ଚେଷ୍ଟା କରନ୍ତୁ । ଯଦ୍ୱାରା ଏ ଯୁଗରେ ଅଲ୍ଲାଃ ତାଲା ଯାହା ଚାହିଁଛନ୍ତି କି ମସିହ ମଉଦଙ୍କ ଜରିଆରେ ଅନ୍ୟସମସ୍ତ ଧର୍ମଗୁଡ଼ିକ ଉପରେ ଇସଲାମ୍‌ର ବିଜୟ ହେଉ ଏବଂ ସାରା ଦୁନିଆ ଗୋଟିଏ ଅସ୍ତିତ୍ୱ ହୋଇଯାଉ । ଆପଣମାନେ ମଧ୍ୟ ସେହି ଏକତାର ସୂତାରେ ଗୁନ୍ଥି ହୋଇ ରୁହନ୍ତୁ । ହଜରତ ମସିହ ମଉଦ ଆ:ସ କହୁଛନ୍ତି :

''ଖୁଦାତାଲା ଚାହୁଁଛନ୍ତି ଯେ, ସେହି ସମସ୍ତ ଆତ୍ମାଗୁଡ଼ିକୁ ଯାହା ଭୁପୃଷ୍ଠରେ ଭିନ୍ନଭିନ୍ନ ସ୍ଥାନରେ ବସବାସ କରୁଛନ୍ତି କ'ଣ ୟୁରୋପ ଏବଂ କ'ଣ ଏସିଆ ସେ ସମସ୍ତଙ୍କୁ ଯେଉଁମାନେ ପୂଣ୍ୟ ପ୍ରକୃତିର ମାଲିକ ଅଟନ୍ତି, ତୌହିଦ୍ ଅର୍ଥାତ ଏକେଶ୍ୱରବାଦ ଆଡ଼କୁ ଟାଣି ନେବ ଏବଂ ନିଜ ଭକ୍ତମାନଙ୍କୁ ଏକ ଧର୍ମରେ ଏକାଠି କରିଦେଉ । ଏହା ହେଉଛି ଅଲ୍ଲାଃ ତାଲାଙ୍କର ଉଦ୍ଦେଶ୍ୟ ଯେଉଁଥିପାଇଁ ମୁଁ ଏ ସଂସାରକୁ ପ୍ରେରିତ ହୋଇଛି ।'' *(ରିସାଲା ଅଲ୍‌ୱସିୟତ୍ ରୁହାନୀ ଖଜାଏନ୍ ଖଣ୍ଡ-୨୦, ପୃ-୩୦୬ ରୁ ୩୦୭)*

ସୁତରାଂ ଖିଲାଫତ୍‌ର ହବ୍‌ଲୁଲ୍ଲାଃକୁ ସର୍ବଦା ଦୃଢ଼ଭାବେ ଧରିରଖ ଏକଥା ମଧ୍ୟ ସର୍ବଦା ମନେ ରଖ ଯେ, ଖିଲାଫତ୍ ସହିତ ଇବଦତ୍‌ର ଗଭୀର ସମ୍ପର୍କ ରହିଛି ଏବଂ ଇବାଦତ୍ କ'ଣ ? ନମାଜ ଅଟେ । ଯେଉଁଠି ବିଶ୍ୱାସକାରୀମାନଙ୍କ ମନର ଶାନ୍ତି ମିଳିବା ପାଇଁ ଏବଂ ଖିଲାଫତ୍‌ର ପ୍ରତିଶୃତି ଦିଆଯାଇଛି ସେଠାରେ ତତ୍‌ସହିତ ତା ପର ଆୟତରେ ***ଅକିମୁସ୍‌ସଲାତା*** ର ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି ତେଣୁ ଶାନ୍ତି ହାସଲ କରିବା ପାଇଁ ଏବଂ ଖିଲାଫତ ବ୍ୟବସ୍ଥାରୁ ଲାଭ ପାଇବା ପାଇଁ ସବୁଠାରୁ ପ୍ରଥମ ସର୍ତ୍ତ ହେଉଛି ଏହା କି ନାମଜକୁ କାୟମ କର । ହଜରତ ମସିହ ମଉଦ ଆ:ସ କହୁଛନ୍ତି:

''ନମାଜଠାରୁ ବଳି ଆଉ କୌଣସି ଓ୍ୱଜିଫା ନାହିଁ କାରଣ ସେଥିରେ ଅଲ୍ଲାଃ ତାଲାଙ୍କ ସ୍ତୁତିଗାନ, ଇସ୍ତିଗ୍‌ଫାର୍ ଅର୍ଥାତ ଅଲ୍ଲାଃଙ୍କଠାରୁ କ୍ଷମା ମାଗିବା ଏବଂ ଦରୁଦ୍ ଶରିଫ୍ ରହିଛି । ସମସ୍ତ ଓ୍ୱଜାଇଫ୍ ଏବଂ ଔରାଦ୍ (ଅର୍ଥାତ ଅଲ୍ଲାଃଙ୍କୁ ପାଇବାପାଇଁ ଯେତେ ପ୍ରକାରର ଶୈଳୀ ରହିଛି) ତାହାର ସମାହାର ହେଉଛି ଏହି ନମଜା ଏବଂ ଏହା ଦ୍ୱାରା ପ୍ରତ୍ୟେକ ପ୍ରକାରର ଦୁଃଖ ଓ ଚିନ୍ତା ଦୁର ହୋଇଥାଏ । ଏବଂ ସମସ୍ୟାଗୁଡ଼ିକର ସମାଧାନ ହୋଇଥାଏ । ଯଦି କେବେ ଆଁ ହଜରତ ସ:ଆ:ସଙ୍କୁ କୌଣସି ଦୁଃଖ ପହଂଚେ ସେତେବେଳେ ସେ ନମାଜ ପଢ଼ିବା ପାଇଁ ଛିଡ଼ା ହୋଇଯାନ୍ତି ସେଥିପାଇଁ ଅଲ୍ଲାଃ ତାଲା କହିଛନ୍ତି *ଆଲା ବେଜିକ୍‌ରିଲ୍ଲାହେ ତତ୍‌ମଇନ୍ନୁଲ୍ କୁଲୁବ୍* । ଶାନ୍ତି ଓ ସନ୍ତୁଷ୍ଟ ଆତ୍ମା ପାଇଁ ନମାଜଠାରୁ ବଳି ଆଉ କୌଣସି ଜରିଆ ନାହିଁ ।'' *(ମଲ୍‌ଫୁଜାତ୍ ଖଣ୍ଡ-୩, ପୃ-୩୧୦ ରୁ ୩୧୧)*

ମନେରଖ ଯେ, ନାମଜ ପ୍ରତ୍ୟେକ ମୁସଲମାନ ପାଇଁ ଫର୍ଜ ଅର୍ଥାତ ଜରୁରୀ । ପବିତ୍ର କୋରାନ୍ ଏବଂ ଆହାଦିସ୍‌ରେ ଏହାର ବହୁତ ତାଗିଦ୍ କରାଯାଇଛି କୌଣସି ନାସିର୍ ଏପରି ରହିବା ଉଚିତ ନୁହେଁ ଯିଏ ପାଂଚ ବେଳା ନମାଜ ପଢ଼ିବାରେ ଅବହେଳା କରୁଥିବ । ଅଲ୍ଲାଃ ତାଲା କର୍ମର ସୁଧାରକୁ ପସନ୍ଦ କରିଥାଏ ସେ ଲୋକମାନଙ୍କୁ ସର୍ବୋତମ ପୁରସ୍କାର ପ୍ରଦାନ କରିଥାଏ ଯେଉଁମାନେ ଅଲ୍ଲାଃ ତାଲାଙ୍କ ଅଧିକାର ଓ ତାହାଙ୍କ ପ୍ରାଣୀଜଗତର ଅଧିକାରକୁ ପ୍ରଦାନ କରିବା ପାଇଁ ଧ୍ୟାନ ରଖିଥାନ୍ତି ।

''ହଜରତ ମସିହ ମଉଦ ଆ:ସ କହୁଛନ୍ତି ଖୁଦାତାଲା ଏହା ଚାହୁଁଛନ୍ତି ଯେ, ତୁମେ କର୍ମରେ ସଦାଚାରିତା ଦେଖାଅ ଫଳତ ସେ ତୁମ ସହିତ ରହିବ । ଦୟା, ସୁଚରିତ୍ର, ଉପକାର, ସୁନ୍ଦର କର୍ମ, ସହାନୁଭୁତି ଏବଂ ବିନମ୍ର ଭାବରେ ଯଦି କିଛି କମ୍ ହେବ ତେବେ ମତେ ଏକଥା ଜଣା ଅଛି ଓ ବାରମ୍ବାର ମୁଁ ଏହା ବତାଇ ଚାଲିଛି ଯେ, ସର୍ବପ୍ରଥମେ ଏହିପରି ଯମାତ୍ ଧ୍ୱଂସ ହୋଇଯିବ । ମୁସା ଆ:ସଙ୍କ ସମୟରେ ଯେତେବେଳେ ତାଙ୍କ ସମ୍ପ୍ରଦାୟ ଖୁଦାତାଲାଙ୍କ ଆଦେଶଗୁଡ଼ିକୁ ସମ୍ମାନ କଲେ ନାହିଁ ସେତେବେଳେ ତାଙ୍କ ମଧ୍ୟରେ ମୁସା ଉପସ୍ଥିତ ଥିବା ସତ୍ୱେ ମଧ୍ୟ ସେମାନେ ବିଜୁଳି ଦ୍ୱାରା ଧ୍ୱଂସ ହେଲେ'' *(ମଲ୍‌ଫୁଜାତ୍ ଖଣ୍ଡ-୪, ପୃ-୧୧୨)*

ଆପଣମାନେ ବହୁତ ସୌଭାଗ୍ୟବାନ ଯେ, ପ୍ରତ୍ୟେକ ବର୍ଷ ଇଜ୍‌ତିମା ନିମନ୍ତେ, ହଜରତ ମସିହ ମଉଦ ଆ:ସଙ୍କ ପ୍ରୀୟ ବସ୍ତିରେ ଏକତ୍ରୀତ ହେଉଛନ୍ତି ଏହା ଅତ୍ୟନ୍ତ ବାବର୍‌କତ୍ ଅବସର ଏହାକୁ ଦୁଆ ଏବଂ ଜିକ୍‌ରେ ଇଲାହି ଅର୍ଥାତ ଅଲ୍ଲାଃଙ୍କ ଗୁଣଗାନ କରିବାରେ ବିତାଅ । ଅଲ୍ଲାଃ ତାଲାଙ୍କର ଅଧିକରୁ ଅଧିକ କୃପାରୁ ଲାଭାନ୍ୱିତ ହୋଇ ନିଜ ନିଜର ଘରକୁ ଲେଉଟିଯାଅ ଏବଂ ଏହି ପୂଣ୍ୟ ପ୍ରଭାବକୁ ସ୍ଥାୟୀଭାବେ ନିଜ ଭିତରେ ସାଇତି ରଖ ।

ଅଲ୍ଲାଃ ତାଲା ଆପଣମାନଙ୍କୁ ଏହିସବୁ ଉପଦେଶଗୁଡ଼ିକ ଉପେର ପରିଚାଳିତ ହେବା ପାଇଁ ଶକ୍ତି ପ୍ରଦାନ କରନ୍ତୁ । ଆମୀନ୍....

ଓ୍ୱସ୍‌ସଲାମ୍ ଖାକ୍‌ସାର୍
ମିର୍ଜା ମସରୁର୍ ଅହେମଦ୍
ଖଲିଫତୁଲ୍ ମସିହିଲ୍ ଖାମିସ୍

### ଜଲ୍‌ସା ସାଲାନା କାଦିୟାନ ସମ୍ବନ୍ଧରେ ଜରୁରୀ ଘୋଷଣା

ଡ଼ିସେମ୍ବର ୨୦୧୯ ମସିହାରେ ଅନୁଷ୍ଠିତ ହେବାକୁ ଥିବା ଜଲ୍‌ସା ସାଲାନା କାଦିୟାନ୍ ସମ୍ବନ୍ଧରେ ଅଖିବାର୍ ବଦର୍ କାଦିୟାନ୍‌ରେ ଏଲାନ୍ (ଘୋଷଣା) ହେଉଥିଲା ଯେ, ଏହି ଜଲ୍‌ସା ହେଉଛି ୧୨୫ ତମ ଜଲ୍‌ସା ସାଲାନା । ଏହି ଐତିହାସିକ ଜଲ୍‌ସା ନିମନ୍ତେ ହଜୁର ଅନଓ୍ୱର ଅ:ବ:ଅ କେତେକ ବିଶେଷ ପ୍ରୋଗ୍ରାମଗୁଡ଼ିକର ମଞ୍ଜୁରି ପ୍ରଦାନ କରିଛନ୍ତି, ଯାହାର ଏତେଲା ସର୍କୁଲାର ଜରିଆରେ ଯମାତ୍‌ମାନଙ୍କୁ ଦିଆଯାଇଅଛି ।

ଏହି ଅବଧିରେ ''ତାରିଖେ ଅହେମଦୀୟତ କାଦିୟାନ୍ ବିଭାଗ''ର ଗବେଷଣା ଓ ଅନୁଧ୍ୟାନର ଆଲୋକରେ ସୟଦନା ହଜୁର ଅନଓ୍ୱର ଅ:ବ:ଅଙ୍କ ପବିତ୍ର ଗୋଚରେ ଏ ଏତେଲା ଦିଆଗଲା ଯେ:

***୨୦୧୯ରେ ଅନୁଷ୍ଠିତ ହେବାକୁ ଥିବା ଜଲ୍‌ସା ସାଲାନା ୧୨୫ ତମ ଜଲ୍‌ସା ସାଲାନା ନୁହେଁ ବରଂ ଏହା ହେଉଛି ୧୨୬ ତମ ଜଲ୍‌ସା ସାଲାନା ।***

ହଜୁର ଅନଓ୍ୱର ଅ:ବ:ଅ ବହୁତ ସ୍ନେହର ସହିତ ଏହାର ମଞ୍ଜୁରି ପ୍ରଦାନ କଲେ ଓ ପ୍ରୋଗ୍ରାମଗୁଡ଼ିକୁ ମଧ୍ୟ ଜାରି ରଖିବା ପାଇଁ ନିର୍ଦ୍ଦେଶ ଦେଲେ । ବଦରର ପାଠକେ ଅବଗତ ରୁହନ୍ତୁ ।

**(ନାଜ୍‌ର ଇସ୍‌ଲାହ୍ ଓ୍ୱ ଇର୍‌ଶାଦ୍ ମର୍‌କଜିୟା)**

ପ୍ରିନ୍ଟର ଓ ପବ୍ଲିସର: ଜମିଲ୍ ଅହମଦ ନାସିର,ଫଜଲେ ଉମର ପ୍ରିନ୍ଟିଙ୍ଗ୍ ପ୍ରେସ୍ ,କାଦିଆନରେ ମୁଦ୍ରଣ କରି ବଦର କାର୍ଯ୍ୟାଳୟ କାଦିଆନ୍ ଦ୍ୱାରା ପ୍ରକାଶିତ କରାଗଲା । ପ୍ରୋପ୍ରାଇଟର ,ତତ୍ୱାବଧାରକ ବଦର ବୋର୍ଡ଼ କାଦିଆନ୍

# : ଖୁତ୍‌ବା ଜୁମା :

ଅଲ୍ଲାଃ ତାଲା ଉଧାରି ରଖନ୍ତି ନାହିଁ ବରଂ ତାହାକୁ ଅଧିକାକରି ଫେରାଇଥାନ୍ତି ।

ଅଲ୍ଲାଃ ତାଲାଙ୍କ ମାର୍ଗରେ ନେକ୍‌ନିୟତରେ ଖର୍ଚ୍ଚ କରାଯାଇଥିବା ଏବଂ ପବିତ୍ର ମାଲ୍ ମଧ୍ୟରୁ ଯାହା ଖର୍ଚ୍ଚ କରାଯାଇଥାଏ ତାହା ହଜାରଗୁଣା ବଢ଼ି ମଧ୍ୟ ମିଳିପାରେ ଓ ମିଳୁଅଛି ।

ଅଲ୍ଲାଃ ତାଲା ପ୍ରକୃତ ମୁମିନ୍‌ର ସଂଜ୍ଞା ନିରୁପଣ ଏହା କରିଛି ଯେ, ସେମାନେ ଅଲ୍ଲାଃ ତାଲାଙ୍କ ସାନ୍ନିଧ ହାସଲ କରିବାପାଇଁ ତାହାଙ୍କ ମାର୍ଗରେ ଖର୍ଚ୍ଚ କରିଥାନ୍ତି ।

ଅଲ୍ଲାଃ ତାଲା କେବେ ମଧ୍ୟ କାହା ଉପରେ ଅତ୍ୟାଚାର କରେ ନାହିଁ ମଣିଷ ହିଁ ନିଜେ ବିଭିନ୍ନ ପ୍ରକାର ଆଚରଣ କରି, ଭୂଲ୍ ଆଚରଣ କରି ଅଲ୍ଲାଃ ତାଲାଙ୍କ ଆଦେଶଗୁଡ଼ିକୁ ଅମାନ୍ୟ କରି ନିଜର ଉପରେ ଅତ୍ୟାଚାର କରିଥାଏ ଓ କ୍ଷତି ଉଠାଏ ।

ସୁତରାଂ ହଜରତ ମସିହ ମଉଦ ଆ:ସଙ୍କୁ ଏପରି ଆଶ୍ଚର୍ଯ୍ୟଜନକ ଲୋକେ ମିଳିଛନ୍ତି ଯାହାଙ୍କ ସମ୍ବନ୍ଧରେ ସେ ତାଙ୍କ ଜୀବନରେ ହିଁ ଏକଥା ମଧ୍ୟ କହିଥିଲେ ଯେ, ଏମାନଙ୍କର ନମୁନା ଦେଖି ମତେ ଆଶ୍ଚର୍ଯ୍ୟ ଲାଗୁଛି ଯେ କିଭଳି ଏମାନେ କୁର୍ବାନୀ କରୁଛନ୍ତି ।

ପୃଥିବୀର ଏ ଭାଗରେ ଯାହା ଭୌତିକବାଦରେ ବୁଡ଼ି ରହିଛି ଓ ଲୋକମାନଙ୍କୁ ଖୁଦାଙ୍କଠାରୁ ଦୁରେଇ ନେଉଛି ଏଠାରେ ଅଲ୍ଲାଃ ତାଲା ଅହେମଦୀମାନଙ୍କୁ ନିଜର କୃପାର ଆର୍ଶୀବାଦ ଦେଇ ଯେଉଁଠି ନିଜ ଅସ୍ତିତ୍ୱ ବିଷୟରେ ଠିକଣା ବତାଇ ଦେଉଛି ସେଠାରେ ଅହେମଦୀୟତର ବାସ୍ତବିକ ଓ ସତ୍ୟତାକୁ ମଧ୍ୟ ସେମାନଙ୍କ ଉପରେ ପ୍ରକାଶ କରୁଅଛି ।

ଅଲ୍ଲାଃ ତାଲା ଏହି ସମସ୍ତ କୁର୍ବାନୀ କରିଥିବା ଲୋକମାନଙ୍କ ଧନ ଓ ଜନରେ ଅସୁମାରୀ ବରକତ୍ ପ୍ରଦାନ କରନ୍ତୁ ।

ତହ୍‌ରିକ୍ ଯଦିଦ୍‌ର ୮୫ତମ ବର୍ଷର ସଫଳ ଓ ବାବର୍‌କତ୍ ପରିସମାପ୍ତି ଏବଂ ୮୬ତମ ବର୍ଷର ସୁଭାରମ୍ଭର ଘୋଷଣା ।

ସାରା ଦୁନିଆରେ ବସବାସ କରୁଥିବା, ବିଭିନ୍ନ ଜାତି ସହିତ ସମ୍ବନ୍ଧ ରଖିଥିବା ଅହେମଦୀ ମହିଳା ଓ ପୁରୁଷ ଏବଂ ପିଲାମାନେ ଓ ନୌମୁବାଇନ୍ ଅର୍ଥାତ ନୂଆ ଅହେମଦୀମାନଙ୍କର ଅନୁପମ କୁର୍ବାନୀ ଏବଂ ତାହା ଫଳରେ ସେମାନଙ୍କ ଉପରେ ହୋଇଥିବା ଐଶ୍ୱରୀକ ଆର୍ଶୀବାଦର ଚର୍ଚ୍ଚା

**ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍[ଅ.ବ]**
**(ପ୍ରଦତ୍ତ: ୦୮ ନଭେମ୍ବର ୨୦୧୯ ଅନୁଯାୟୀ ୦୮ ନବୁଓ୍ୱତ୍ ୧୩୯୮ ହିଜ୍‌ରି ଶମ୍‌ସି)**

**ଖୁତ୍‌ବା ଜୁମାର ଏହି ଆଲେ୍ଲଖ୍ୟଟି ବଦର୍ କାର୍ଯ୍ୟାଳୟ ଅଲ୍‌ଫଜଲ୍ ଇଂଟରନ୍ୟାସନାଲ ଲଣ୍ଡନର କାର୍ଯ୍ୟାଳୟକୁ ଧନ୍ୟବାଦ ଜଣାଇ ପ୍ରକାଶ କରୁଅଛୁ ।**

اَشْهَدُ اَنْ لَّا اِلٰهَ اِلَّا اللّٰهُ وَحْدَهٗ لَا شَرِيْكَ لَهٗ وَاَشْهَدُ اَنَّ مُحَمَّدًا عَبْدُهٗ وَرَسُوْلُهٗ
اَمَّا بَعْدُ فَاَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ- بِسْمِ اللّٰهِ الرَّحْمٰنِ الرَّحِيْمِ-
اَلْحَمْدُ لِلّٰهِ رَبِّ الْعٰلَمِيْنَ- الرَّحْمٰنِ الرَّحِيْمِ- مٰلِكِ يَوْمِ الدِّيْنِ- اِيَّاكَ نَعْبُدُ وَاِيَّاكَ نَسْتَعِيْنُ-
اِهْدِنَا الصِّرَاطَ الْمُسْتَقِيْمَ- صِرَاطَ الَّذِيْنَ اَنْعَمْتَ عَلَيْهِمْ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ-
لَيْسَ عَلَيْكَ هُدٰىهُمْ وَلٰكِنَّ اللّٰهَ يَهْدِيْ مَنْ يَّشَآءُ ۔ وَمَا تُنْفِقُوْا مِنْ خَيْرٍ فَلِاَنْفُسِكُمْ ۔
وَمَا تُنْفِقُوْنَ اِلَّا ابْتِغَآءَ وَجْهِ اللّٰهِ ۔ وَمَا تُنْفِقُوْا مِنْ خَيْرٍ يُّوَفَّ اِلَيْكُمْ وَاَنْتُمْ لَا تُظْلَمُوْنَ○

(ସୁରାଃ ବକ୍‌ରା: ୨୭୩)

ଏହାର ଅନୁବାଦ ହେଉଛି ଏପରି ସେମାନଙ୍କୁ ସତ୍‌ପଥଗାମୀ କରାଇବା ଦାୟିତ୍ୱ ତୁମ ଉପରେ ନ୍ୟସ୍ତ ହୋଇନାହିଁ; କିନ୍ତୁ ଅଲ୍ଲାଃ ଯାହାପ୍ରତି ପ୍ରସନ୍ନ ହୁଅନ୍ତି ତାହାକୁ ସତ୍‌ପଥଗାମୀ କରାନ୍ତି; ଏବଂ ଯାହା କିଛି ବିଶୁଦ୍ଧ ଧନ ତୁମେମାନେ (ଅଲ୍ଲାଃଙ୍କ ଉଦ୍ଦେଶ୍ୟ)ରେ ବ୍ୟୟ କର ଓ ପ୍ରକୃତରେ ତୁମେମାନେ ଏପରି ବ୍ୟୟ କେବଳ ଅଲ୍ଲାଃଙ୍କ କୃପା ହାସଲ କରିବା ସକାଶେ କର ତାହାର ଲାଭ ତୁମମାନଙ୍କୁ ହିଁ ପ୍ରାପ୍ତ ହେବ; ଏବଂ ଯାହା କିଛି ବିଶୁଦ୍ଧ ଧନ ତୁମେମାନେ ବ୍ୟୟ କରିବ ତାହା ତୁମମାନଙ୍କୁ ସମ୍ପୂର୍ଣ୍ଣରୂପେ (ଫେରସ୍ତ) ଦିଆଯିବ; ଓ ତୁମମାନଙ୍କ ପ୍ରତି ଅତ୍ୟାଚାର କରାଯିବ ନାହିଁ ।

ଏହି ଆୟତରୁ ଏକଥା ସ୍ପଷ୍ଟ ହେଉଛି ଯେ, ଅଲ୍ଲାଃ ତାଲା ଏଥିରେ ସ୍ପଷ୍ଟ ରୂପେ ଏ ନିର୍ଦ୍ଦେଶ ଦେଇଛନ୍ତି କି, ହିଦାୟତ ଦେବା, ସିଧା ମାର୍ଗରେ ପରିଚାଳିତ କରାଇବା ବା ତାକୁ ଏପରି ରାସ୍ତାରେ ରଖି ଦେବା ଯାହା ସଠିକ୍ ଦୀଗରେ ଯାଉଥିବ, ଯାହା ତା'ର ପ୍ରକୃତ ଲକ୍ଷସ୍ଥଳ ଆଡ଼କୁ ଯାଉଥିବ ଏବଂ ସେହି ରାସ୍ତାରୁ ଭଟକିଯିବାର ବଂଚାଇବା ଏବଂ ତା'ର ପରିଣାମ ଉତମ କରିବା ଏହା ସବୁକିଛି ଅଲ୍ଲାଃ ତାଲାଙ୍କ କୃପାବଳରେ ହିଁ ହୋଇଥାଏ । ଅର୍ଥାତ ତାହା ଅଲ୍ଲାଃ ତାଲାଙ୍କର ହିଁ କାର୍ଯ୍ୟ । ଆମେ କାହାକୁ ପୂଣ୍ୟମାର୍ଗ ତ ଦେଖାଇପାରିବା କିନ୍ତୁ ଏହା ଜରୁରୀ ନୁହେଁ ଯେ, ତାକୁ ସେହି ମାର୍ଗରେ ପରିଚାଳିତ ମଧ୍ୟ କରାଇପାରିବ ଓ ତତ୍‌ସହିତ ସେହି ମାର୍ଗରେ କାୟମ ମଧ୍ୟ ରଖିପାରିବା । ସୁତରାଂ ଏ କାର୍ଯ୍ୟ ଅଲ୍ଲାଃ ତାଲା ତାଙ୍କ ନିଜ ଦାୟିତ୍ୱରେ ନେଇଛନ୍ତି ଏବଂ ଯେଉଁ ବ୍ୟକ୍ତି ଅଲ୍ଲାଃ ତାଲାଙ୍କ ଆଡ଼କୁ ବଢ଼ିବାପାଇଁ ଚେଷ୍ଟା କରିଥାଏ ଓ ସେହି ମାର୍ଗରେ ଚାଲିବା ପାଇଁ ଚେଷ୍ଟା କରିଥାଏ ତତ୍‌ସହିତ ଦୂଆ ମଧ୍ୟ କରିଥାଏ । ଫଳତଃ ସେ ଅଲ୍ଲାଃ ତାଲାଙ୍କ କୃପାବଳରୁ ଲକ୍ଷସ୍ଥଳରେ ମଧ୍ୟ ପହଂଚିଥାଏ । ତେଣୁ ଏଥପାଇଁ ଏହା ଆବଶ୍ୟକ ଯେ, ଆମେ ହିଦାୟତ ପାଇବା ପରେ ସେହି ହିଦାୟତର ରାସ୍ତା ଉପରେ ଅଲ୍ଲାଃ ତାଲାଙ୍କ ଦ୍ୱାରା ବତାଯାଇଥିବା ଶୈଳୀ ମୁତାବକ ଚାଲିବା ପାଇଁ ଚେଷ୍ଟା ମଧ୍ୟ କରିଚାଲିବା । ତା' ନିକଟରେ ଦୂଆ ମଧ୍ୟ କରିଚାଲିବା ଏବଂ ତା'ନିକଟରେ ପ୍ରାର୍ଥନା କରି ସେହି ମାର୍ଗ ଉପରେ କାୟମ ରହି ତା'ର କୃପାକୁ ମଧ୍ୟ ମାଗି ଚାଲିବା ଫଳତଃ ଆମର ପରିଣାମ ଉତମ ହେବ ଏବଂ କଦାପି ଆମ ଦୁର୍ବଳତା ଆମକୁ ଅଲ୍ଲାଃ ତାଲାଙ୍କ ଆଡ଼କୁ ନେଇଯାଉଥିବା ରାସ୍ତାରୁ ଭଟକାଇ ନ ଦେବ ।

ପୁଣି ଦ୍ୱିତୀୟ କଥା ଯାହାକୁ ଅଲ୍ଲାଃ ତାଲା ଏହି ଆୟତରେ ବର୍ଣ୍ଣନା କରିଛନ୍ତି ତାହା ହେଉଛି ଏପରି କି, ତୁମେମାନେ ତୁମର ଉତମ ଧନ ମଧ୍ୟରୁ ଯାହା କିଛି ମଧ୍ୟ ଖର୍ଚ୍ଚ କରୁଅଛ ତାହା ତୁମର ଲାଭ ପାଇଁ ଉଦ୍ଦିଷ୍ଟ । ଅଲ୍ଲାଃ ତାଲା କହୁଛନ୍ତି ଯେ, ***ୱ ମା ତୁନ୍‌ଫିକୁ ମିନ୍***

***ଖୈରିନ୍ ଫଲି ଅନ୍‌ଫୁସିକୁମ୍*** ଅର୍ଥାତ ଯାହା କିଛି ଉତମ ମାଲ୍ ତୁମେ ଅଲ୍ଲାଃ ତାଲାଙ୍କ ମାର୍ଗରେ ଖର୍ଚ୍ଚ କରୁଅଛ ତାହାର ଲାଭ ତୁମକୁ ହିଁ ହେବ । ଅଲ୍ଲାଃ ତାଲା କାହାର ଉଧାର ରଖନ୍ତି ନାହିଁ ବରଂ ତାକୁ ଆହୁରି ଅଧିକ ବଢ଼ାଇ ଲେଉଟାଇ ଦେଇଥାନ୍ତି । ତାହା ଏପରି ଯେପରି ଜଣେ କୃଷକ ଖେତରେ ମଞ୍ଜି ବୁଣିଥାଏ ସେତେବେଳେ କୌଣସି ଜଣେ ମୂର୍ଖ ଓ ଅଜ୍ଞାନ ବ୍ୟକ୍ତି ଏହା କହିପାରେ କି, ଏ ବ୍ୟକ୍ତି ଜଣକ ଏପରି କ'ଣ କରୁଛନ୍ତି କି, ସବୁତକ ମଞ୍ଜି ଏ ଜମି ଉପରେ ଫିଙ୍ଗି ନଷ୍ଟ କରିଦେଉଛନ୍ତି କିନ୍ତୁ ବୁଦ୍ଧିମାନ ବ୍ୟକ୍ତି ଏକଥା ଜାଣିଛି ଯେ, ଯେଉଁ ଦାନାଗୁଡ଼ିକ ଜମି ଉପେର ଫିଙ୍ଗା ଯାଉଛି ସେଥିରୁ ହଜାର ହଜାର ବରଂ ଲକ୍ଷ ଲକ୍ଷ କୋଟି କୋଟ ଦାନା ମଧ୍ୟ ସୃଷ୍ଟି ହୋଇପାରେ । କେବଳ ଏପରି ପରିସ୍ଥିତିରେ ସେହି ଫସଲ ଉପରେ କୌଣସି ବିପତି ନ ପଡ଼ିଥିବ ଯଦି ବିପତି ପଡ଼େ ତାହାଲେ ତାକୁ କିଛି ନ ମିଳିପାରେ । ସୁତରାଂ ଅଲ୍ଲାଃ ତାଲାଙ୍କ ମାର୍ଗରେ ପୂର୍ଣ୍ଣ୍ୟ ଭାବନାରେ ଖର୍ଚ୍ଚ କରାଯାଇଥିବା ଏବଂ ପବିତ୍ର ଧନ ମଧ୍ୟରୁ ଯାହା କିଛି ଖର୍ଚ୍ଚ କରାଯାଇଥାଏ ତାହା ହଜାର ଗୁଣା ଅଧିକା ମଧ୍ୟ ମିଳିପାରେ ଏବଂ ମିଳୁଅଛି ମଧ୍ୟ । ଅହେମଦୀମାନେ ନିଜ ଅନୁଭୁତି ଲେଖୁଛନ୍ତି, ଏକଥାକୁ ପ୍ରକାଶ କରୁଛନ୍ତି ଯେ, କିଭଳି ଆମେ ଅଲ୍ଲାଃ ତାଲାଙ୍କ ମାର୍ଗରେ କୁର୍ବାନୀ କରିଛୁ ଓ କିଭଳି ଅଲ୍ଲାଃ ତାଲା ଆମକୁ ଆହୁରି ଅଧିକା ବଢ଼ାଇ ପ୍ରଦାନ କରିଛନ୍ତି । କିଛି ଦୁର୍ବଲ ଇମାନ୍ ରଖିଥିବା ଲୋକ ମଧ୍ୟ ଥାନ୍ତି, ନୂଆ ଆସିଥିବା ଲୋକମାନେ ମଧ୍ୟ ଥାନ୍ତି । ସେମାନେ ମଧ୍ୟ କହୁଛନ୍ତି ଓ ପରୀକ୍ଷା କରୁଛନ୍ତି ଯେ, ଦେଖିବା ଏକଥା କେତେ ଦୁରକୁ ଠିକ୍ ଅଛି ଯେ, ଅଲ୍ଲାଃ ତାଲା ଆହୁରି ଅଧିକା ବଢ଼ାଇ ଦେଇଥାଏ । ସୁତରାଂ ଅଲ୍ଲାଃ ତାଲା ତାଙ୍କ ଇମାନ୍‌କୁ ସୁଦୃଢ଼ କରିବା ପାଇଁ ଏମାନଙ୍କୁ ପ୍ରଦାନ ମଧ୍ୟ କରିଥାଏ । କିନ୍ତୁ ଅଧିକାଂଶ ଲୋକ ଏପରି ଅଛନ୍ତି ଯେଉଁମାନେ ଅଲ୍ଲାଃ ତାଲାଙ୍କ ଏକଥାକୁ ବୁଝୁଛନ୍ତି ଅର୍ଥାତ ***ୱମା ତୁନ୍‌ଫିକୁ ଇଲ୍ଲବ୍ ତିଗାଆ ୱଜିହିଲ୍ଲାହି*** ଅର୍ଥାତ ଏବଂ ଯାହା କିଛି ମଧ୍ୟ ଖର୍ଚ୍ଚ କରୁଅଛ ତାହା ଅଲ୍ଲାଃ ତାଲାଙ୍କ ଧ୍ୟାନ ଆକର୍ଷଣ କରିବା ପାଇଁ ଖର୍ଚ୍ଚ କରୁଅଛ । ସେମାନେ ଦୀନ୍‌ର ଆବଶ୍ୟକତା ପାଇଁ ଯଦି ଖର୍ଚ୍ଚ କରୁଛନ୍ତି ତେବେ ତାହା କେବଳ ଅଲ୍ଲାଃ ତାଲାଙ୍କ ଧ୍ୟାନ ଆକର୍ଷଣ କରିବା ପାଇଁ ହିଁ କରୁଛନ୍ତି । ଅଲ୍ଲାଃ ତାଲା ପ୍ରକୃତ ମୁମିନ୍‌ର ସଂଜ୍ଞା ଏହା ନିରୁପଣ କରିଛନ୍ତି ଯେ, ସେମାନେ ଅଲ୍ଲାଃ ତାଲାଙ୍କ ଧ୍ୟାନ ଆକର୍ଷଣ କରିବା ପାଇଁ ତାହାର ମାର୍ଗରେ ଖର୍ଚ୍ଚ କରିଥାନ୍ତି ଓ ନିଶ୍ଚିତ ରୂପେ ଅଲ୍ଲାଃ ତାଲା ଏହିପରି ଲୋକମାନଙ୍କର ଅବସ୍ଥାକୁ ଜାଣିଛନ୍ତି ଯେଉଁମାନେ ଅଲ୍ଲାଃ ତାଲାଙ୍କ ପ୍ରସନ୍ନତା ପାଇଁ ଖର୍ଚ୍ଚ କରୁଛନ୍ତି । ପୁଣି ଏହିପରି ଲୋକମାନେ ଯେଉଁମାନେ ଅଲ୍ଲାଃ ତାଲାଙ୍କୁ ଖୁସୀ କରିବା ପାଇଁ ଖର୍ଚ୍ଚ କରିଥାନ୍ତି ସେମାନେ ଅଲ୍ଲାଃ ତାଲାଙ୍କ କୃପାକୁ ମଧ୍ୟ ଦେଖିନେଇଥାନ୍ତି ଯେ, କିପରି ଅଲ୍ଲାଃ ତାଲା ସେମାନଙ୍କର କୁର୍ବାନୀକୁ ଗ୍ରହଣ କରି ସେମାନଙ୍କୁ ପୁଣି ଫେରାଇ ଦେଉଛନ୍ତି । ପୁଣି ଏ କଥା ସେମାନଙ୍କୁ ଆହୁରି ଅଧିକ ସେମାନଙ୍କର ବିଶ୍ୱାସକୁ ବଢ଼ାଇଦେଇଥାଏ । ସୁତରାଂ ଅଲ୍ଲାଃ ତାଲା ଏକଥା କହିଛନ୍ତି ଯେ, ମୁଁ କାହାର ଉଧାର ରଖିନଥାଏ । ତୁମେ ମୋର ସାନ୍ନିଧ୍ୟ ପାଇବା ପାଇଁ ନିଜର ପବିତ୍ର ଧନ ମଧ୍ୟରୁ ମୋ ଧର୍ମ ନିମନ୍ତେ ଓ କହିବା ଯୋଗୁଁ ଖର୍ଚ୍ଚ କରୁଅଛ ତେଣୁ ମୁଁ ମଧ୍ୟ ତୁମକୁ ଏ ସବୁ ଫେରାଇଦେବି କିନ୍ତୁ ସର୍ତ୍ତ ହେଉଛି ଏହା ଯେ, ସେହି ମାଲ୍ ପବିତ୍ର ହୋଇଥିବ । ସୁତରାଂ ଏହି ଦେଶଗୁଡ଼ିକରେ ଅର୍ଥାତ ଉନ୍ନତଶୀଳ ଦେଶଗୁଡ଼ିକରେ ରହୁଥିବା କେତେକ ଲୋକ ବିଶେଷରୂପେ ଏକଥା ର ଧ୍ୟାନ ରଖନ୍ତୁ ଯେ, ସେମାନେ ପବିତ୍ର ଧନ ଅର୍ଜନ କରନ୍ତୁ । ଅଧିକ କିଛି ଉପାର୍ଜନ କରିବା ପାଇଁ ସରକାରଙ୍କୁ ଧୋକା ନ ଦିଅନ୍ତୁ ଅର୍ଥାତ ନିଜେ ରୋଜଗାର ମଧ୍ୟ କରୁଥିବ ଓ ସରକାରଙ୍କ ନିକଟରୁ ଭୁଲ୍ ବୟାନ ଦେଇ ୱଜିଫା ମଧ୍ୟ ଦେଉଥିବ ଏହିଭଳି ଲୋକମାନେ ସରକାରଙ୍କଠାରୁ ଅନୁଚିତ ଉପାୟରେ ଅର୍ଥ ମଧ୍ୟ ନେଇନିଅନ୍ତି । ନିଜର ଟ୍ୟାକ୍ସ ଯାହା ସରକାରଙ୍କ ଦେବାପାଇଁ ପ୍ରଜୁଯ୍ୟ ଅଟେ ଓ ତାହା ସରକାରଙ୍କ ଅଧିକାର ଏବଂ ପ୍ରତ୍ୟେକ ନାଗରୀକଙ୍କ କର୍ତବ୍ୟ, ତାହା ମଧ୍ୟ ଏମାନେ ପ୍ରଦାନ କରୁନାହାନ୍ତି । ଅନ୍ୟ ଲୋକମାନଙ୍କର ହକ୍‌କୁ ମଧ୍ୟ ମାରିଦେଉଛନ୍ତି ଏବଂ ଯେଉଁ ଅର୍ଥ ଦେଶର ଉନ୍ନତି ପାଇଁ ଖର୍ଚ୍ଚ ହୋଇଥାନ୍ତା ସେଥିରେ ମଧ୍ୟ ପ୍ରତିବନ୍ଧକ ସାଜୁଛନ୍ତି । ସବୁଠାରୁ ବଡ଼ ଖରାପ କଥା ଏହା ଯେ, ଭୁଲ୍ ବୟାନ ଦେଇ ଏମାନେ ମିଥ୍ୟାଚାରୀ ହେଉଛନ୍ତି ସୁତରାଂ ଏହିସବୁ କଥାଗୁଡ଼ିକ ଭୁଲ୍ କଥା, ପାପ ଏବଂ ପବିତ୍ର ଧନରୁ ଦୂରକୁ ନେଇଯାଉଥିବା କଥା ।

ପୁଣି ପବିତ୍ର ଧନ ମଧ୍ୟରେ ଅନ୍ୟ ଉପାୟରେ ଅବୈଧରୂପେ ଉର୍ପାଜନ କରାଯାଉଥିବା ଧନ ମଧ୍ୟ ରହି ନଥାଏ । ଯେଉଁ କାର୍ଯ୍ୟକୁ ଅଲ୍ଲାଃ ତାଲା ମନା କରିଛନ୍ତି ସେହି କାମ କରି ଉପାର୍ଜନ କରାଯାଇଥିବା ଧନ ମଧ୍ୟ ପବିତ୍ର ଧନ ହୋଇନଥାଏ । ତେବେ ସେ ଯାହା ହେଉ ଅଲ୍ଲାଃ ତାଲା କହୁଛନ୍ତି ଯେ, ମୁଁ ପବିତ୍ର ମାଲ୍‌ର କୁର୍ବାନୀକୁ ଯାହା ମୋ ସାନ୍ନିଧ୍ୟ ହାସଲ ପାଇଁ କରାଯାଇଥାଏ ତାହାକୁ ମୁଁ ନା'କେବଳ ଗ୍ରହଣ କରିଥାଏ ବରଂ ***ୟୁୱଫଫା ଇଲୈକୁମ୍*** ଅର୍ଥାତ ତୁମକୁ ପୁରାପୁରା ଫେରାଇ ଦେଇଥାଏ । ବିଭିନ୍ନ ଜରିଆରେ ଲେଉଟାଇଥାଏ । ଅଲ୍ଲାଃ ତାଲା କେବେ କାହା ଉପରେ ଜୁଲମ୍ କରିନଥାନ୍ତି ଏହି ମନୁଷ୍ୟ ହିଁ ନିଜେ ବିଭିନ୍ନ ପ୍ରକାର କାର୍ଯ୍ୟ କରି, ଭୁଲ୍ କର୍ମ କରି ଅଲ୍ଲାଃ ତାଲାଙ୍କ ନିର୍ଦ୍ଦେଶାବଳୀଗୁଡ଼ିକୁ ଅମାନ୍ୟ କରି ନିଜ ଉପରେ ଜୁଲମ୍ କରିଥାଏ ଏବଂ କ୍ଷତି ଉଠାଇଥାଏ । ଅଲ୍ଲାଃ ତାଲାଙ୍କ କୃପାରୁ ଅଲ୍ଲାଃ ତାଲାଙ୍କ କୃପାକୁ ହାସଲ କରିବାବାଲା ଏବଂ ଅଲ୍ଲାଃ ତାଲାଙ୍କ ଏ କଥାକୁ ଅନୁଭବ କରିବାବାଲା ଏବଂ ବୁଝିବାବାଲା ହଜାର ହଜାର ଲକ୍ଷ ଲକ୍ଷ ଅହେମଦୀ ଅଛନ୍ତି । ଏମାନଙ୍କ ମଧ୍ୟରୁ କିଛି ଲୋକଙ୍କର ଦୃଷ୍ଟାନ୍ତ ମୁଁ ଏଠାରେ ଉପସ୍ଥାପନ କରିବି । ଏହି କୁର୍ବାନୀ କରିବାର ଦୃଶ୍ୟ ଆମେ ହଜରତ ମସିହ ମଉଦ ଆ:ସଙ୍କ ସମୟରୁ ହିଁ ଦେଖି ଆସୁଛୁ । ଘଟଣାବଳୀଗୁଡ଼ିକୁ ପଢ଼ିଅଛୁ ଏବଂ ଆଜି ମଧ୍ୟ ଆମକୁ ଏ ସବୁ ଦେଖାଯାଉଅଛି । ଏହା କୌଣସି ପୁରୁଣା କଥା ନୁହେଁ ଯେ, ଅନୁକୁଳ ଅବସ୍ଥା ନଥିବା ସତ୍ୱେ ମଧ୍ୟ ଅହେମଦୀମାନେ କିପରି କୁର୍ବାନୀ ଅଲ୍ଲାଃ ତାଲାଙ୍କ ସାନ୍ନିଧ୍ୟ ପାଇବା ପାଇଁ କରିଛନ୍ତି ଓ ତାହାଙ୍କ ପ୍ରସନ୍ନତାଲାଭ କରିବାପାଇଁ କରୁଛନ୍ତି । ଆଜି ଏହି ଖୁତ୍‌ବାରେ ତେହେରିକେ ଯଦିଦ୍ ର ନୂଆ ବର୍ଷର ଘୋଷଣା ମଧ୍ୟ ହେବ ତେଣୁ ଏ ପ୍ରସଙ୍ଗରେ ମୁଁ କିଛି ଘଟଣାବଳୀ ଉପସ୍ଥାପନ କରିବି ।

ସିରିଆଲିଓନ୍‌ରୁ ଲୁନ୍‌ସାର୍ ରିଜିଅନ୍‌ର ଜଣେ ମୁବଲିଗ୍ ଲେଖୁଛନ୍ତି ଯେ, ଜଣେ ନୂଆ ଅହେମଦୀ କମାରା ସାହେବଙ୍କୁ ତହରିକ୍ ଜଦିଦ ବିଷୟରେ ଓ ଚନ୍ଦାର ବରକାତ୍ ବିଷୟରେ ଯେତେବେଳେ ବତାଗଲା ସେତେବେଳେ ସେହି ଅହେମଦୀ ଜଣକ ଆମ୍‌ଚାନ୍ଦାକୁ ପଇଠ କରିବା ସହିତ ତହରିକ୍ ଜଦିଦର ଚାନ୍ଦା ମଧ୍ୟ ପଇଠ କରିଦେଲେ । ତାଙ୍କ ପାଖରେ ଆଉ ଅଳ୍ପ କିଛି ଅର୍ଥ ବଂଚିଗଲା । ଯଦ୍ୱାରା ସେ ମାସିକ ରାସନ ସ୍ୱରୁପ କିଛି ଚାଉଳ କିଣି ପାରିଥାନ୍ତେ (ସେ ଗରିବ ଲୋକ ଥିଲେ) କିନ୍ତୁ ସେ ସେହି ଅର୍ଥକୁ ମଧ୍ୟ ତହରିକ୍ ଜଦିଦ୍‌ର ଚାନ୍ଦାରେ ଦେଇଦେଲେ । କିଛିଦିନ ପରେ ସେ ଆସି ଏକଥା ବତାଇଲେ ଯେ, ଯେଉଁ ଦିନ ମୁଁ ତହରିକ୍ ଜଦିଦ୍‌ର ଚାନ୍ଦା ପଇଠ କରିଥିଲି ତା'ପର ଦିନ କମ୍ପାନୀର ଅଧୀକ୍ଷକ କହିଲେ ଆମେ ତୁମ ଡ଼ିପାର୍ଟମେଂଟକୁ ବଦଳାଇ ଦେଇଛୁ ଏବଂ ନୂଆ ଡ଼ିପାର୍ଟମେଂଟରେ ଦରମା ମଧ୍ୟ ଦୁଇଗୁଣା କରିଦେଇଛୁ ଏବଂ ସେହିପରି ଅନ୍ୟାନ୍ୟ ସୁବିଧା ମଧ୍ୟ ଅଧିକା ହେଇଯାଇଛି । ଚାନ୍ଦା ଦେବା ଯୋଗୁଁ ବରକତ୍ ହୋଇଥାଏ ଓ ଅଲ୍ଲାଃ ତାଲା କୃପା କରିଥାନ୍ତି ତେଣୁ ସେ କହୁଛନ୍ତି ଯେ, ଯେଉଁ ବରକତ୍ ବିଷୟରେ ମୁଁ ଶୁଣିଥିଲି ସେହି ବରକତ୍ ବିଷୟରେ ଅଲ୍ଲାଃ ତାଲା ମୋତେ ଝଲକ୍ ଦେଖାଇଦେଲେ । ପୁଣି ସେ କହୁଛନ୍ତି ଯେ, ଆସନ୍ତାକୁ ମୁଁ ପ୍ରତ୍ୟେକ ମାସ ଚାନ୍ଦା ଆମ୍ ସହିତ ତହରିକ୍ ଯଦିଦ୍‌ର ଚାନ୍ଦା ମଧ୍ୟ ପ୍ରଦାନ କରିବି ।

ପୁଣି ସିରିଆଲିଓନ୍ ରିଜିଅନ୍‌ର ପୋର୍ଟଲୋକ୍‌ର ମୁବଲିଗ୍ କହୁଛନ୍ତି ଗୋଟିଏ ଘଟଣା ବର୍ଣ୍ଣନା କରୁଛନ୍ତି ଏହା ଦେଖନ୍ତୁ ଯେ, ଗରିବ ଅବସ୍ଥାରେ ଥିବା ସତ୍ୱେ ମଧ୍ୟ ଯେଉଁମାନେ କୁର୍ବାନୀ କରୁଛନ୍ତି ଅଲ୍ଲାଃ ତାଲା ସେମାନଙ୍କୁ କିଭଳି ପୁରସ୍କାର ଦେଉଛନ୍ତି ଓ ଏ କଥା ସେମାନଙ୍କ ବିଶ୍ୱାସରେ ଅଭିବୃଦ୍ଧି ଘଟାଉଛି । ସେ କହୁଛନ୍ତି ଯେ, ଗୋଟିଏ ଗାଁ ହେଉଛି ସାଣ୍ଡାମବଲୁନ୍‌ତୋର୍ ସେଥିରେ ମୁହମଦ୍ ସାହେବ ନାମକ ଜଣେ ଅହେମଦୀ ଅଛନ୍ତି । ସେ ତହରିକ୍ ଯଦିଦ୍‌ର ୱାଦା ଲେଖାଇବା ସମୟରେ ଯାହା ଅର୍ଥ ଲେଖାଇଥଲେ ତାହାକୁ ସେ ଦେଇପାରିଲେ ନାହିଁ ଯେତେବେଳେ ବର୍ଷ ଶେଷ ହେବାକୁ ଲାଗିଲା ସେ କହିବାକୁ ଲାଗିଲେ ଯେ, ମୋ ନିକଟରେ ଅଳ୍ପକିଛି ଚାଉଳ ବ୍ୟତିତ ଆଉ କିଛି ନାହିଁ ଅର୍ଥାତ କିଲେ ଦେଢ଼କିଲେ ଚାଉଳ ଥିଲା । ସେ ସେହି ଚାଉଳକୁ ବିକ୍ରି କରି ଚାନ୍ଦା ଦେଇଦେଲେ । ସେ ପୁଣି କହୁଛନ୍ତି ଯେ, ତା'ପର ଦିନ ମୋର ଜଣେ ଦୂରର ବନ୍ଧୁ ଗୋଟିଏ ବସ୍ତା ଚାଉଳ ଆଉ କିଛି ଟଙ୍କା ଉପହାର ସ୍ୱରୁପ ମୋ ନିକଟକୁ ପଠାଇଲେ । ସେ କହୁଛନ୍ତି ଏହା ଦେଖି ମୋ ଇମାମ୍ ବହୁତ ମଜଭୁତ୍ ହୋଇଗଲା ଯେ, ମୁଁ ତ କିଛି କପ ଚାଉଳ ଅଲ୍ଲାଃ ତାଲାଙ୍କ ମାର୍ଗରେ ଦେଇଥି ଲି କିନ୍ତୁ ଅଲ୍ଲାଃ ତାଲା ତା ପ୍ରତିବଦଳରେ ଶହେ କିଲୋ ଦେଇଦେଲେ ତତ୍‌ସହିତ କିଛି ଅର୍ଥ ମଧ୍ୟ ପଠାଇଦେଲେ ।

ମୁଁ ଗିନି ବସାଓର ମୁବଲିଗ୍ ଲେଖୁଛନ୍ତି, ଏଥିରେ ମଧ୍ୟ ଗରିବ ମାନଙ୍କର କୁର୍ବାନୀ କରିବାର ସ୍ତର ରହିଛି ଏବଂ ପୁଣି ଅଲ୍ଲାଃ ତାଲା ସେମାନଙ୍କ ଇମାନ୍‌କୁ କିଭଳି ତାଜା କରିଥାଏ । କବୁଡୁ ଯମାତ୍‌ର ସଦସ୍ୟ ହେଉଛନ୍ତି ଦିଆଲୁ ସାହେବ୍ ତାଙ୍କୁ ଯେତେବେଳେ ତହରିକ୍ ଯଦିଦ୍ ଚାନ୍ଦାର ଗୁରୁତ୍ୱ ବିଷୟ ବତାଗଲା । ସେ ମହାଶୟ ସେହି କ୍ଷଣି ନିଜ ପକେଟ ଭିତରେ ହାତ ପୁରାଇ ଏକହଜାର ସିଫା ତହରିକ୍ ଯଦିଦ୍‌ରେ ଦେଇଦେଲେ ଓ କହିଲେ ଯେ, ଏହି ଅର୍ଥ ସାହାଯ୍ୟରେ ମୁଁ ମୋ ପିଲାପିଲିଙ୍କ ପାଇଁ ରାସନ୍ ପାଣି କିଣିବା ପାଇଁ ବଜାର ଯାଉଥିଲି । ଚାନ୍ଦା ଦେଇଦେବା ପରେ ସେ ପୂର୍ନବାର ତାଙ୍କ ଘରକୁ ଫେରିଗଲେ । ଘରେ ତ ପଇସା ନଥିଲା । ସେ ମାଛ ଧରନ୍ତି ତେଣୁ ସେହି ମାଛଧରା ଜିନିଷକୁ ଧରି ମାଛ ମାରିବା ପାଇଁ ଚାଲିଗଲେ । ଯଦ୍ୱାରା କିଛି ମାଛ ମାରି ତାକୁ ବିକି ପିଲାମାନଙ୍କ ପାଇଁ ଜିନିଷ କିଣିପାରିବେ । ସେ ଜାଲରେ ମାଛ ଧରନ୍ତି । ସେ କହୁଛନ୍ତି ଯେ, ଯେତେବେଳେ ମୁଁ ମାଛ ମାରିବା ପାଇଁ ଜାଲ ଫିଙ୍ଗିଲି ଏକ ଘଂଟା ଭିତରେ ଅଲ୍ଲାଃ ତାଲା ୭୩ କିଲୋ ମାଛ ମୋ ଜାଲରେ ଭରିଦେଲେ । ତାଙ୍କ ସହିତ ସେଠାରେ ଅନ୍ୟ ମାଛ ଧରଳି ମଧ୍ୟ ଥିଲେ । ସେମାନେ ବହୁତ ଆଶ୍ଚର୍ଯ୍ୟଚକିତ ହୋଇ କହିଲେ ଯେ, ତୁମେ ବହୁତ ଭାଗ୍ୟବାନ ଯେ, ଏକ ଘଂଟା

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ଯେ ପର୍ଯ୍ୟନ୍ତ ମୁସଲମାନ ପବିତ୍ର କୋରାନ୍‌କୁ ସମ୍ପୂର୍ଣ୍ଣରୂପେ ଅନୁସରଣ କରି ତ'ଉପରେ ପରିଚାଳିତ ନ ହୋଇଛନ୍ତି (ସେ ପର୍ଯ୍ୟନ୍ତ) ସେମାନେ କୌଣସି ପ୍ରକାରର ଉନ୍ନତି କରିପାରିବେ ନାହିଁ ।''

*(ମଲ୍‌ଫୁଜାତ୍, ଖଣ୍ଡ-୪, ପୃ-୩୭୯)*

*ତାଲିବେ ଦୁଆ: Abdur Rahman Khan & Family,*
*Jamat Ahmadiyya, Pankal (Odisha)*

ଭିତରେ ତୁମକୁ ଏତେ ମାଛ ମିଳିଗଲା । ଯେବେକି ରାତି ତମାମ୍ ମାଛ ମାରି ଆମକୁ ଏତେ ମିଳିନାହିଁ । ସେ କହୁଛନ୍ତି ସେତେବେଳେ ମୁଁ ଏକଥା ଭାବିଲି ଯେ, ଏହା ସବୁ କିଛି ତହରିକ୍ ଯଦିଦ୍‌ରେ ଚାନ୍ଦା ଦେବାର ବରକତ୍ ଯାହାକୁ ମୁଁ ଏକଘଂଟା ପୂର୍ବେ ପଇଠ କରି ଆସିଥିଲି ଓ ମୋ ନିକଟରେ ଯାହା କିଛି ଥିଲା ସବୁକିଛି ଦେଇଦେଇଥିଲି । ତା'ପରେ ପୁଣି ସେ, ମିଶନ୍ ହାଉସ୍ ଆସିଲେ କାରଣ ତାଙ୍କର ଆମଦାନୀ ଅଧିକ ହୋଇଯାଇଥିଲା ତେଣୁ ସେ ପୂର୍ନବାର ଚାନ୍ଦା ପଇଠ କଲେ । ହଜୁର କହୁଛନ୍ତି ସେ ଗରିବ ଥିବା ସତ୍ୱେ ମଧ ତାଙ୍କର ମନ ମଧ ବଡ଼ । ଅଲ୍ଲାଃ ତାଲା ଯେତେବେଳେ ପ୍ରଦାନ କରିଥାନ୍ତି ସେତେବେଳେ ହୃଦୟ ବନ୍ଦ ହୋଇଯାଏ ନାହିଁ । ହାତ ବନ୍ଦ ହୋଇଯାଏ ନାହିଁ । ବରଂ ସେ ଆହୁରି ଦେଇ ଚାଲିଥାଏ ଯଦ୍ୱାରା ଅଲ୍ଲାଃ ତାଲା ତାଙ୍କୁ ଆହୁରି ଅଧିକ ପ୍ରଦାନ କରିବେ ।

ପୁଣି କଙ୍ଗୋରୁ ଅମୀର୍ ସାହେବ ଲେଖୁଛନ୍ତି ଯେ, ବଦୁନ୍‌ଦୁ ରିଜିଅନ୍‌ର ସ୍ଥାନୀୟ ଯମାତ୍‌ର ଜଣେ ମୁଅଲ୍ଲିମ୍ ଯମାତ୍‌ର ଲୋକମାନଙ୍କୁ ତହରିକ୍ ଯଦିଦ୍ ଚାନ୍ଦା ବିଷୟରେ ତହରିକ୍ କଲେ । ହଜୁର କହୁଛନ୍ତି ମୁଁ ଯମାତ୍‌କୁ ଏହା କହି ରଖିଛି ଯେ, ଚାନ୍ଦା ଦେଉଥିବା ଲୋକମାନଙ୍କ ସଂଖ୍ୟାକୁ ବଢ଼ାଇବା ପାଇଁ ଚେଷ୍ଟା କର । ସେ ଯେତେବେଳେ ମୋ କଥା ଅନୁସାରେ ସେମାନଙ୍କୁ ବତାଇଲେ ସେ ସମୟରେ ଗାଁ ର ଲୋକମାନଙ୍କ ନିକଟରେ ଚାନ୍ଦା ଦେବାପାଇଁ କିଛି ଅର୍ଥ ନଥିଲା । ସେମାନେ ସବୁ ଗରିବ ଲୋକ ଥିଲେ ତାଙ୍କ ଗାଁ ମଧ ଛୋଟ ଥିଲା । ଏକଥା ଶୁଣି ସେମାନେ କହିଲେ ଯେ, ଚାନ୍ଦା ଦେବାକୁ ହେବ ତେଣୁ ସେମାନେ ଜଙ୍ଗଲ ଗଲେ କାଠ କାଟିଲେ ପୁଣି ସେଥିରୁ କୋଇଲା ତିଆରି କଲେ । ସେ ଗାଁ ରେ ତ କେହି କିଣିବା ଲୋକ ନଥିଲେ । କଙ୍ଗୋରେ ବହୁତ ନଦୀ ଅଛି ତେଣୁ ପାଣି ମାଧ୍ୟମରେ ଅଧିକାଂଶ ଯାତ୍ରା କରାଯାଇଥାଏ । ତେଣୁ ସେମାନେ କୋଇଲା ଗୁଡ଼ିକୁ ବସ୍ତାରେ ବାନ୍ଧି ଡ଼ଙ୍ଗାରେ ଏକ କଠିନ ଯାତ୍ରା କଲେ ଓ ସେଗୁଡ଼ିକୁ ଗୋଟିଏ ସହରରେ ନେଇ ବିକ୍ରି କରିଦେଲେ । ତାଙ୍କୁ ୯୬ ହଜାର ଫ୍ରାଙ୍କ ମିଳିଲା ସେ ସବୁକୁ ସେମାନେ ଗାଁ ତରଫରୁ ତହରିକ୍ ଯଦିଦ ପାଇଁ ଦେଇଦେଲେ । ହଜୁର କହୁଛନ୍ତି କିପ୍ରକାରର ଆଶ୍ଚର୍ଯ୍ୟ ଲୋକମାନଙ୍କୁ ହଜରତ ମସିହ ମଉଦ ଆ:ସଙ୍କୁ ଅଲ୍ଲାଃ ତାଲା ପ୍ରଦାନ କରିଛନ୍ତି । ଯେଉଁମାନଙ୍କ ସମ୍ବନ୍ଧରେ ସେ ନିଜର ଜିବନରେ ମଧ ଏକଥା କହିଥିଲେ ଯେ, ଏମାନଙ୍କ ନମୁନାକୁ ଦେଖି ମୋତେ ଆଶ୍ଚର୍ଯ୍ୟ ଲାଗୁଛି ଯେ, କିଭଳି ଏମାନେ କୁର୍ବାନୀ କରୁଛନ୍ତି । *(ଯମିମା ରିସାଲା ଅନ୍‌ଜାମେ ଆଥମ୍, ରୁହାନୀ ଖଜାଏନ୍ ଖଣ୍ଡ-୧୧, ପୃ-୩୧୩, ହାଶିୟା )*

ତହରିକ ଯଦିଦ ଆରମ୍ଭ ହେବା ବେଳେ ହଜରତ ମୁସ୍‌ଲେହ ମଉଦ ର:ଅ ଗରିବ ଲୋକମାନଙ୍କ କୁର୍ବାନୀ ବିଷୟରେ ବର୍ଣ୍ଣନା କରୁଥିଲେ ଯେ, ଯଦି କାହା ପାଖରେ ଅଣ୍ଡା ଅଛି ତେବେ ସେ ମହିଳା ଜଣକ ଅଣ୍ଡା ଆଣି ଦେଇଦେଲେ, କାହାପାଖରେ ଅଳ୍ପ କିଛି ପଇସା ଅଛି ତ ସେ ତାହା ନେଇ ଆସିଲେ, ତାହା ଆଜି ମଧ ଆମକୁ ଦେଖିବାକୁ ମିଳୁଛି ଯେ, କିଭଳି ଅଲ୍ଲାଃ ତାଲାଙ୍କ ସାନ୍ନିଧ ପାଇବା ପାଇଁ ଲୋକମାନେ ଲିଓ୍ୱଜହିଲ୍‌ଲ୍ଲାହି ଖର୍ଚ୍ଚ କରୁଛନ୍ତି । ଗିନି ବସାଉର ମୁବଲିଗ ଲେଖୁଛନ୍ତି ଯେ, ଆମ ଦେଶରେ ଗୋଟିଏ ଦୁରଦୂରାନ୍ତ ଇଲାକା କାବୁକରେ ଜଣେ ଅହେମଦୀ ମହିଳା ଅଛନ୍ତି ତାଙ୍କ ବୟସ ହେଉଛି ୫୦ ବର୍ଷ । ସେ ବହୁତ ଗରିବ ତାଙ୍କ ନିକଟରେ ଆମଦାନୀର କୌଣସି ମାଧମ ନାହିଁ କିଛି ଦିନ ପୂର୍ବେ ତାଙ୍କୁ ତହରିକ୍ ଯଦିଦ୍‌ର ଚାନ୍ଦା ଦେବା ପାଇଁ ପ୍ରୋତ୍ସାହିତ କରାଗଲା । ସେ ଏ ନିୟତ କଲେ ଯେ, ଆଉ ତ କିଛି ମୋ ପାଖରେ ନାହିଁ ଗୋଟିଏ ଛୋଟିଏ କୁକୁଡ଼ା ପାଖରେ ଅଛି ତାକୁ ପାଳି ପୋଷି ବଡ଼ କରିବି ତା'ପରେ ତାକୁ ବିକ୍ରି କରି ତହରିକ୍ ଯଦିଦ ଚାନ୍ଦା ଦେବି, କିଛି ଦିନ ବିତିବା ପରେ ସେଠାରେ କୁକୁଡ଼ା ରୋଗ ବ୍ୟାପି ଗଲା ଓ ତାଙ୍କ କୁକୁଡ଼ାଟି ମଧ ଦିନେ ରୋଗରେ ପଡ଼ିଲା ତାଙ୍କ ଘରର ଲୋକମାନେ ଓ ବନ୍ଧୁବାନ୍ଧବମାନେ ଏକଥା କହିଲେ ଯେ, ଏହି କୁକୁଡ଼ାଟି ମରିଯିବ ତେଣୁ ଏହାକୁ ଜେଭ୍ କରିଦିଅ । ଏଥିରେ ସେ କହିଲେ ନୁହେଁ ମୁଁ ଏହାକୁ ଜେଭ୍ କରିବି ନାହିଁ । ତା'ପରେ ସେ ଦୁଆ କଲେ ଯେ, ହେ ଅଲ୍ଲାଃ ! ମୋ ପାଖରେ ତ ଏ କୁକୁଡ଼ା ବ୍ୟତିତ ଆଉ କିଛି ନାହିଁ, ତୁମେ ହିଁ ମୋତେ ସାହାଯ୍ୟ କର ଓ ଏହାକୁ ବଂଚାଇ ଦିଅ । ସେ ପୁଣି କହୁଛନ୍ତି ତା'ପର ଦିନ ଯେତେବେଳେ ମୁଁ ଉଠିଲି ସେହି କୁକୁଡ଼ାଟିକୁ ଠିକ୍‌ଠାକ୍ ଦେଖିଲି । ତା'ପରେ ଠିକ୍ ୨୦ ଦିନ ବିତିଯିବା ପରେ ସେ ମୁଅଲ୍ଲିମ୍ ସାହାବଙ୍କ ନିକଟକୁ ଯାଇ ସେହି କୁକୁଡ଼ାଟିକୁ ଚାନ୍ଦା ଆକାରରେ ଦେଇଦେଲେ । ହଜୁର ଅନଓ୍ୱର କହୁଛନ୍ତି ଲୋକମାନେ ଏକଥା କହୁଛନ୍ତି ଯେ, ଆମକୁ ନିଷାନ୍ (ଐଶି ନିର୍ଦ୍ଦେଶନ) ଦେଖାଯାଉନାହିଁ । ଯଦି ଦେଖିବାକୁ ଚାହୁଁଛ ତେବେ ଅଲ୍ଲାଃ ତାଲାଙ୍କ ସହିତ ସଠିକ୍ ସମ୍ପର୍କ ରଖ ଓ ପୂଣ୍ୟ ନିୟତ କର ତା'ପରେ ପୁଣି ଅଲ୍ଲାଃ ତାଲା ନିଷାନ୍ ଦେଖାଇଥାଏ । ଏହିପରି ଛୋଟ ଛୋଟ ନିଷାନ୍ ଯାହା ସେହି ଲୋକମାନଙ୍କର ଇମାନ୍‌କୁ ବଢ଼ାଇବାର କାରଣ ହୋଇଥାଏ । ସୁତରାଂ ଅଲ୍ଲାଃ ତାଲା ଏହିପରି ଲୋକମାନଙ୍କର ଇମାନ୍‌କୁ ବଢ଼ାଇଥାଏ ।

ଅଲ୍ଲାଃ ତାଲାଙ୍କ ବ୍ୟବହାରର ଆଉ ଗୋଟିଏ ଉଦାହରଣ ହେଉଛି ଏପରି: ତଞ୍ଜାନିଆ ଦେଶର ମାରା ରିଜିଅନ୍‌ର ମୁଅଲିମ୍ କହୁଛନ୍ତି ଯେ, ଜଣେ ନିଷ୍ଠାବାନ ଅହେମଦୀ ଯୁବକ ରାଶିଦ୍ ହୁସେନ୍ ସାହେବ୍‌ଙ୍କ ଗୋଟିଏ ଛୋଟିଆ ରାସନ୍ ଦୋକାନ ଅଛି । ସେ ତାଙ୍କ ପ୍ରତିଶୃତି ମୁତାବକ ନିଜର ସମ୍ପୁର୍ଣ୍ଣ ତହରିକ୍ ଯଦିଦ ଚାନ୍ଦା ପଇଠ କରିଦେଇଥିଲେ । ବର୍ଷ ଶେଷରେ ଯେତେବେଳେ ମୁଅଲିମ୍ ସାହେବ ଆହୁରି ଅଧିକ କିଛି ଦେବାପାଇଁ ଏ ତହରିକ୍ କଲେ ଯେ, ଯିଏ ଅଧିକ ଦେବା ପାଇଁ ଚାହୁଁଛନ୍ତି ସେମାନେ ଦେଇପାରିବେ । ସେ ତ' ଏହି ପରଧି ଭିତରେ ନଥିଲେ କାରଣ ସେ ସମୟରେ ତାଙ୍କର ଆର୍ଥିକ ଅବସ୍ଥା ଠିକ୍ ନଥିଲା ଓ ଦୋକାନ ଭିତରେ କେବଳ ଏପରି ଏକ ଗୋଟିଏ ସାମାନ୍ ରହିଯାଇଥିଲା ଯାହା ଶିଘ୍ର ବିକ୍ରି ହେଇଯିବାର କୌଣସି ଆଶା ଦେଖାଯାଉନଥିଲା । ସେ ଯାହା ହେଉ ସେ କହୁଛନ୍ତି ଯେ, ମୋ ନିକଟରେ କେବଳ ୩ ହଜାର ଶିଲଙ୍ଗ ଥିଲା ଯାହାକୁ ସେ ଦେଇ ଦେଇଛନ୍ତି ଓ ସେହି ଦିନ ସଂଧ୍ୟାବେଳେ ପୂର୍ଣ୍ଣବାର ସେ ମୁଅଲ୍ଲିମ୍ ସାହେବଙ୍କ ନିକଟକୁ ଆସି କହିଲେ ଯେ, ମୋ ସହିତ ଗୋଟିଏ ଅଜବ ଘଟଣା ଘଟିଲା ଯେ, ମୋ ନିକଟରେ ଏତିକି ଅର୍ଥ ବ୍ୟତିତ ଆଉ କିଛି ନଥିଲା ଓ ସେ ସବୁକୁ ମୁଁ ଚାନ୍ଦାରେ ଦେଇ ଦେଇଥିଲି ଓ ମୋ ଦୋକାନରେ କିଛି ସାମାନ୍ ମଧ ନଥିଲା ଓ ଯାହା କିଛି ସାମାନ୍ ଥିଲା ତା ବିଷୟରେ ମୁଁ ଏହା ଭାବୁଥିଲି କି, ଲୋକମାନେ ଏହାକୁ ତ କିଣିବେ ନାହିଁ କିନ୍ତୁ ଅଲ୍ଲାଃ ତାଲା ଏହି ଚାନ୍ଦାର ବର୍‌କତ୍‌ରୁ ମୋତେ ଆଶ୍ଚର୍ଯ୍ୟଜନକ ଭାବେ ସାହାଯ୍ୟ କଲେ ଯେ, ଦ୍ୱିପ୍ରହର ସମୟରେ ଜଣେ ଗ୍ରାହକ ମୋ ନିକଟକୁ ଆସିଲେ ଓ ସେହି ସବୁ ସାମାନକୁ କିଣିନେଲେ ଯାହାକୁ ମୁଁ ଭାବୁଥିଲି ଯେ, ଏହା ଖୁବ୍ ଶିଘ୍ର ବିକ୍ରି ହେଇପାରିବ ନାହିଁ ଓ ତା ପ୍ରତିବଦଳରେ ୨୩ ହଜାର ଶିଲଙ୍ଗ ମୋ ନିକଟକୁ ଆସିଗଲା । ସେ କହୁଛନ୍ତି ଯେ, ମୁଁ ତ ଏତିକି କହିବି କି, ଏ ଚାନ୍ଦାର ବର୍‌କତ୍‌ରୁ ଅଲ୍ଲାଃ ତାଲା ଏହା ସବୁ କିଛି ପ୍ରଦାନ କରିଛନ୍ତି ।

ପୁଣି ସେଂଟ୍ରାଲ ଆଫ୍ରିକାର ସହର ବାଙ୍ଗି ର ଜଣେ ସାହେବ ହେଉଛନ୍ତି ଆର୍‌ଜାନା ସାହେବ, ତାଙ୍କର ବି ଗୋଟିଏ ଘଟଣା ରହିଛି । ହଜୁର କହୁଛନ୍ତି : ଏଥିରେ ଦେଖନ୍ତୁ ଯେ, ଅଲ୍ଲାଃ ତାଲା ଇମାନ୍‌କୁ ମଜ୍‌ଭୁତ କରିବାପାଇଁ କିଭଳି ପ୍ରତିବଦଳ ଦେଇଥାଏ । ଏ ହେଉଛନ୍ତି ନୂଆ ଅହେମଦୀ ସେ କହୁଛନ୍ତି ଯେ, ଅହମଦୀୟତ ଗ୍ରହଣ କରିବାକୁ ମତେ ଆଠ ମାସ ହୋଇଥିଲା ଏବଂ ମୁଁ ଆଠ ମାସ ମଧରେ ମୋ ଭିତରେ ଗୋଟିଏ ବହୁତ ବଡ଼ ପରିବର୍ତ୍ତନ ସୃଷ୍ଟି ହେଲା । ଏମ୍‌ତିଏ ସବୁବେଳେ ଦେଖୁଥିଲି ଏବଂ ଏମ୍‌ତିଏ ଜରିଆରେ ଖୁତ୍‌ବା ଜୁମା ମଧ ମୁଁ ଶୁଣୁଥିଲି ସେ କହୁଛନ୍ତି ମୁଁ ଯେତେବେଳେ ଆପଣଙ୍କର ଖୁତ୍‌ବା ଶୁଣୁଥିଲି । ଏକଥା ଶୁଣିବାକୁ ପାଇଲି ଯେ, ଅଲ୍ଲାଃ ତାଲାଙ୍କ ମାର୍ଗରେ ଖର୍ଚ୍ଚ କରୁଥିବା ବ୍ୟକ୍ତି ଗରୀବ ହୁଏ ନାହିଁ ଓ ଅଲ୍ଲାଃ ତାଲା ତା ମାଲ୍‌ରେ ବର୍‌କତ୍ ପ୍ରଦାନ କରନ୍ତି । ସେତେବେଳେ ତହ୍‌ରିକ୍ ଯଦିଦ୍‌ର ଚାନ୍ଦା ଉସୁଲ୍ କରିବା ସମ୍ବନ୍ଧରେ ମୁବ୍‌ଲିଗ୍ ସାହେବ ମଧ ତହରିକ୍ କରୁଥିଲେ ଏହା ଶୁଣି ମୁଁ ବି ମନେମନେ କହିଲି ଯେ, ମୁଁ ମଧ ଚାନ୍ଦା ଦେଇ ଦେଖିଲି । ମୋ ପକେଟ୍‌ରେ ସେତେବେଳେ କେବଳ ୫୦୦ ଫ୍ରାଙ୍କ ଥିଲା ବହୁତ କମ୍ ଅର୍ଥ ଥିଲା ମୁଁ ସେ ସବୁକୁ ଦେଇଦେଲି ଓ ମୋତେ ଏ ଚିନ୍ତାଘାରୁଥିଲା ଯେ, ରାତିବେଳା କ'ଣ ଖାଇବି । ପୁଣି ସେ କହୁଛନ୍ତି ମୋତେ ଖଲିଫତୁଲ୍ ମସିହିଲ୍‌ଙ୍କର ସେହି କଥା ମନେ ପଡ଼ିଗଲା ଯେ, ଖୁଦା ଅଧିକା ବଢ଼ାଇ କରି ଦେଇଥାଏ । ମୁଁ ତ ସେହି ୫୦୦ ଫ୍ରାଙ୍କ ଦେଇଦେଇଥିଲି । ହଜୁର କହୁଛନ୍ତି: ଏ ତ ନୁଆ ଅହେମଦୀ ଥିଲେ ତେଣୁ ଇମାନ୍‌ରେ କିଛିଟା ଦୁର୍ବଳତା ମଧ ଥିଲା ଅର୍ଥାତ ସେହିପରି ପୂର୍ଣ୍ଣ ଇମାନ୍ ଏବେ ତାଙ୍କ ନିକଟରେ ନଥିଲା କିନ୍ତୁ ପରିବର୍ତ୍ତନ ସୃଷ୍ଟି ହେଉଥିଲା । ନିୟତ ଠିକ୍ ଥିଲା । ସେ କହୁଛନ୍ତି ଯେ, ମୁଁ ସେ ସମୟରେ ତିନି ଚାରିଘଂଟା ପାଇଁ ଏ ଆଶା ରଖି ମିଶନ୍ ହାଉସ୍‌ରେ ରହିଗଲି ଯେ, ଏବେ ଦେଖିବି କି ଅଲ୍ଲାଃ ତାଲା କି ପ୍ରକାରର ଦୃଶ୍ୟ ଦେଖାଉଛନ୍ତି ଠିକ୍ ସେତିକି ବେଳେ ଜଣେ ବନ୍ଧୁଙ୍କ ନିକଟରୁ ଟେଲିଫୋନ୍ ଆସିଲା ଯେ, ମୋ ପାଖରେ କିଛି ହୀରା ଅଛି ଯାହାକୁ ମୁଁ ତୁମ ସହରରେ ବିକ୍ରୀ କରିବାକୁ ଚାହୁଁଛି କିନ୍ତୁ ସେଠରେ ମୋର କେହି ପରିଚିତ ବ୍ୟକ୍ତି ନାହାନ୍ତି ତେଣୁ ମୁଁ ଚାହୁଁଛି ଯେ, ତୁମେ ମତେ ସାହାଯ୍ୟ କର । ସୁତରାଂ ସେ କହୁଛନ୍ତି ଯେତେବେଳେ ସେ ବନ୍ଧୁ ଜଣକ ଏଠାରେ ପହଂଚିଲେ ମୁଁ ତାଙ୍କୁ ସାଥିରେ ନେଇ ଜଣେ ହୀରା ବେପାରୀଙ୍କ ନିକଟକୁ ଗଲି । ସେଠାରେ ହୀରା କାରବାର ବି ଚାଲିଛି । ହୀରା ବିକ୍ରୀ କରିବା ପରେ ମୋର ଯେଉଁ ବନ୍ଧୁ ଜଣକ ହୀରା ନେଇ ଆସିଥିଲେ ସେ ହୀରା ବିକ୍ରୀ କରିବା ପରେ ସେ ମୋତେ ୨୭ ହଜାର ଫ୍ରାଙ୍କ ଉପହାର ସଦୃଶ ଦେଲେ । ପୁଣି ସେ କହୁଛନ୍ତି

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

''ଯଦି ତୁମେ ଚାହୁଁ ଅଛ କି ତୁମକୁ ଇହକାଳ ଓ ପରକାଳରେ ସଫଳତା ହାସଲ ହେଉ ଓ ଲୋକଙ୍କ ମନ ଉପରେ ବିଜୟ ପ୍ରାପ୍ତ ହେଉ ତେବେ ପବିତ୍ରତା ଅବଲମ୍ବନ କର । ନିଜକୁ ସୁଧାର ଓ ଅନ୍ୟମାନଙ୍କୁ ନିଜର ସୁଚରିତ୍ରର ନମୁନା ଦେଖାଓ ତେବେ ନିଶ୍ଚିତ ରୂପେ ସଫଳ ହେବ''

*(ଖୁତ୍‌ବା ଯୁମାଃ: ପ୍ରଦତ ୦୧ ଜାନୁୟାରୀ ୨୦୧୬)*

ତାଲିବେ ଦୁଆ: *Sharafat Khan & Family, Jamat Ahmadiyya, Pankal (Odisha)*

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ଇସ୍‌ଲାମ୍ ହକିକି ମାରେଫତ (ଅର୍ଥାତ୍ ଅଲ୍ଲାଃଙ୍କୁ ଚିହ୍ନିବାର ପ୍ରକୃତ ଜ୍ଞାନ) ପ୍ରଦାନ କରିଥାଏ ଯଦ୍ୱାରା ମନୁଷ୍ୟର ପାପପୂର୍ଣ୍ଣ ଜୀବନର ମୃତ୍ୟୁ ଘଟିଥାଏ''

*(ମଲ୍‌ଫୁଜାତ୍, ଖଣ୍ଡ-୪, ପୃ-୩୪୪)*

ତାଲିବେ ଦୁଆ: *Muhmmad Naimul Haque & Family, Jamat Ahmadiyya, Pankal (Odisha)*

କେବଳ ଏତିକି ନୁହେଁ ଯେଉଁ ବେପାରୀ ଜଣକ ହୀରା କିଣିଲେ ସେ ମଧ୍ୟ ୧୦ ହଜାର ଫ୍ରାଙ୍କ ମତେ ଦେଲେ । ସେ ପୁଣି କହୁଛନ୍ତି ସେଦିନ ମୁଁ ଜାଣିବାକୁ ପାଇଲି ଯେ, ମୁଁ ଏବେ ଏବେ ୫ଶହ ଫ୍ରାଙ୍କ ଦେଇଥିଲି ତେଣୁ ଅଲ୍ଲାଃ ତାଲା ମତେ କିଛି ଘଂଟା ମଧ୍ୟରେ ହିଁ ୩୭ ହଜାର ଫ୍ରାଙ୍କ ପ୍ରଦାନ କଲେ । ସେ କହୁଛନ୍ତି ଏହା ଦ୍ୱାରା ମୋ ଇମାନ୍‌ରେ ବହୁତ ଉନ୍ନତି ଘଟିଲା ।

ୟୁକେର ଜଣେ ମହିଳା ଅଛନ୍ତି ଅଲ୍ଲାଃ ତାଲା ତାଙ୍କ ସହିତ ମଧ୍ୟ କିପରି ବ୍ୟବହାର କରିଛନ୍ତି ଯେ ତାଙ୍କ ଇମାନ୍‌ରେ ମଧ୍ୟ ବୃଦ୍ଧି ଘଟିଛି । ସେ କହୁଛନ୍ତି ଯେ, ମୁଁ ତହରିକ୍ ଯଦିଦ୍‌ର ଚାନ୍ଦା ପଇଠ କରିଦେଇଥିଲି । ପୁଣି ସ୍ଥାନୀୟ ସଦର ସାହିବାଙ୍କ ତରଫରୁ ଗୋଟିଏ ବାର୍ତ୍ତା ମିଳିଲା ଯେ, ଆମକୁ ନିଜର ଲକ୍ଷ୍ୟ ପୁରଣ କରିବା ପାଇଁ ଆଉ ଅଧିକ କିଛି ଅର୍ଥର ଆବଶ୍ୟକତା ରହିଛି । ସେତେବେଳେ ମୁଁ ଏହା ଭାବିଲି ଯେ, ଆଉ ଅଧିକ ଚାନ୍ଦା ଦେଇ ପାରିବି ନାହିଁ କାରଣ ମୋ ନିକଟରେ ଯାହା କିଛି ପଇସା ଅଛି ତାକୁ ଅନ୍ୟ କେଉଁଠି ବ୍ୟବହାର କରାଯିବାର ଥିଲା । ପୁଣି ସେ କହୁଛନ୍ତି ଯେ, ସେ ଯାହା ହେଉ ପରିଶେଷର ମୁଁ ଆଉ ଅଧିକ ଚାନ୍ଦା ଦେବାର ନିଷ୍ପତି କଲି । ଯେଉଁ ଟଙ୍କା ମୋ ପାଖରେ ଥିଲା ସେ ସବୁକୁ ଚାନ୍ଦା ଆକାରରେ ଦେଇଦେଲି । ତା'ପର ଦିନ ମୁଁ ମୋ ବ୍ୟାଙ୍କ ଖାତାକୁ ଦେଖି ଆଶ୍ଚର୍ଯ୍ୟ ହୋଇଗଲି । ଅର୍ଥାତ ଯେତେ ଟଙ୍କା ମୁଁ ଚାନ୍ଦାରେ ପଇଠ କରିଥିଲି ତାହାର ଚାରିଗୁଣା ଅର୍ଥ ଆମ କାର୍ଯ୍ୟାଳୟ ତରଫରୁ ମୋ ଖାତାରେ ପଡ଼ିଯାଇଥିଲା । ଏହା ପାଇଁ ମୋର କିଛି ଆଶା ନଥିଲା । ହଜୁର ଅନଓ୍ୱର କହୁଛନ୍ତି: କେବଳ ଆଫ୍ରିକାରେ ନୁହେଁ ଏଠି ୟୁରୋପରେ ଯେଉଁ ଲୋକମାନେ ମଧ୍ୟ ସହୃଦୟତାର ସହିତ ଚାନ୍ଦା ଦେଇଥାନ୍ତି ସେମାନଙ୍କୁ ମଧ ଅଲ୍ଲାଃ ତାଲା ବରକତ୍ ଦେଇଥାଏ । ଆହୁରି ମଧ୍ୟ ଅନେକ ଉଦାହରଣ ଅଛି ।

ପୁଣି ବୁର୍‌କିନା ଫାସୋ ର ଅମୀର୍ ସାହବ ଲେଖୁଛନ୍ତି ଯେ, କୋଲୋ ର ଜଣେ ବନ୍ଧୁ ହେଉଛନ୍ତି ସାଓ୍ୱାଡୁ ସାହେବ୍ ସେ ତହରିକ୍ ଯଦିଦ୍‌ର ଚାନ୍ଦାରେ ପ୍ରତ୍ୟେକ ମାସ ଶହେ ଫ୍ରାଙ୍କ ଦେଉଥିଲେ ତାଙ୍କୁ ଥରେ କେହି ଜଣେ ଉପହାର ସ୍ୱରୁପ ତିନୋଟି ଛେଳି ଦେଇଥିଲେ । ତା ମଧ୍ୟରୁ ସେ ଗୋଟିଏ ଛେଳି କୁ ତହରିକ୍ ଯଦିଦ୍‌ରେ ଦେଇଦେଲେ ଓ ଆଉ ୨ଟିକୁ ନିଜ ପାଖରେ ରଖିନେଲେ । ଅଲ୍ଲାଃ ତାଲା ସେହି ଛେଳି ଗୁଡ଼ିକରେ ଏତେ ବରକତ୍ ଦେଲେ ଯେ, ଏବେ ସେ ବହୁତ ଗୁଡ଼ିଏ ପଶୁର ମାଲିକ ହୋଇଯାଇଛନ୍ତି ତେଣୁ ଏବେ ସେ, ଶହେ ପରିବର୍ତ୍ତେ ମାସିକ ୧ ହଜାର ଫ୍ରାଙ୍କ ଦେବା ଆରମ୍ଭ କରିଦେଇଛନ୍ତି ।

ପୁଣି ନିଷ୍ଠା, ଭକ୍ତିଭାବ ଏବଂ କୁର୍ବାନୀର ଯେଉଁ ଆବେଗ ରହିଛି ତାହାର ଆଉ ଗୋଟିଏ ଉଦାହରଣ ହେଉଛି ଏପରି ବେନିନ୍ ର ଲୋକୋସା ରିଜିଅନ୍‌ର ମୁବଲିଗ୍ ଲେଖୁଛନ୍ତି ଯେ, ଲୋକୋସା ର ଅଧିକାଂଶ ଇଲାକାରେ ବନ୍ୟା ଆସିଥିଲା ଓ ଯାତାୟତର ସବୁ ରାସ୍ତା ବନ୍ଦ ହୋଇଯାଇଥିଲା । କିଛି ଯମାତ୍ ଗୁଡ଼ିକ ସହିତ ଫୋନ୍ ଯୋଗେ ସମ୍ପର୍କ ରଖାଯାଇଥିଲା କିନ୍ତୁ ସୀମା ଅଂଚଳରେ ଥିବା ଯୋଗୁଁ ଅଧିକାଂଶ ଯମାତ୍ ସହିତ ଯୋଗାଯୋଗ ହୋଇପାରୁନଥିଲା । ଲୋକାଲ୍ ମେସିନାରୀ ଏ ପରାମର୍ଶ ଦେଲେ ଯେ, ପୋଲିସ୍‌ଙ୍କ ନିକଟରେ ମୋଟର୍ ବୋଟ୍ ଅଛି ଯଦି ଆମେ ତାଙ୍କ ସହିତ କଥା ହେବା ତେବେ ହୋଇପାରେ ଯେ, ସେହି ସବୁ ଇଲାକାରେ ଆମେ ପହଂଚି ପାରିବା ଓ ଲୋକମାନଙ୍କ ବିଷୟରେ ବୁଝି ପାରିବା ଯେ, ସେମାନଙ୍କର ଅବସ୍ଥା କେମିତି ଅଛି ? ସେ କହୁଛନ୍ତି ଯେ, ପୋଲିସ୍‌ଙ୍କ ସହିତ କଥା ହେବା ପରେ ପୋଲିସ ଏ ସର୍ତ୍ତରେ ଆମକୁ ସେଠାକୁ ନେଇଯିବା ପାଇଁ ରାଜି ହୋଇଗଲେ ଯେ, ଆମେ ମୋଟର ବୋଟ୍‌ରେ ପେଟ୍ରୋଲ ପକାଇଦେବୁ । ସେ ଯାହା ହେଉ ମୋଟର ବୋଟ ଉପରେ ଚଢ଼ି ଆମେ ଯେତେବେଳେ ସେଠାରେ ପହଂଚିଲୁ ସେଠିକାର ସଦର ଯମାତ୍‌ଙ୍କ ସହିତ ଯେତେବେଳେ ଆମେ ସାକ୍ଷାତ କଲୁ, ସେହି ସଦର ଯମାତ୍ ଜଣକ କାନ୍ଦିବାକୁ ଲାଗିଲେ । ସେ କହୁଛନ୍ତି ଆମକୁ ଏକଥା ଜଣା ଥିଲା ଯେ, ତାଙ୍କର ବହୁତ କିଛି କ୍ଷୟକ୍ଷତି ହୋଇଛି ତାଙ୍କର ଫସଲ ମଧ୍ୟ ନଷ୍ଟ ହୋଇଯାଇଛି । ତାଙ୍କର ଘରର ଗୋଟିଏ କୋଠରୀ ଭାଙ୍ଗି ଯାଇଥିଲା । ସେ କହୁଛନ୍ତି ଯେ, ମୁଁ ତାଙ୍କୁ ସାନ୍ତ୍ୱନା ଦେଲି କି, ଅଲ୍ଲାଃ ତାଲା କୃପା କରିବେ, କ୍ଷୟକ୍ଷତି ପୁରଣ ହୋଇଯିବ ଏ କଥାକୁ ଶୁଣି ସେ କହିବାକୁ ଲାଗିଲେ ଯେ, ମୋର କ୍ଷତି ହୋଇଛି ବୋଲି ମୁଁ କାନ୍ଦୁନଥିଲି । ବରଂ ବନ୍ୟା ଆସିବା ପୂର୍ବରୁ ମୁଁ ନିଜର ଚାନ୍ଦା ଗୁଡ଼ିକ ଏକାଠି କରି ରଖିଥିଲି ଓ ଏ ଅପେକ୍ଷାରେ ଥିଲି ଯେ, ମୁଅଲିମ୍ କେବେ ଆସିବେ ଓ ମୁଁ ଏ ଚାନ୍ଦାଗୁଡ଼ିକ ଦେଇଦେବି କିନ୍ତୁ ଏ ବନ୍ୟା ଯୋଗୁଁ ସବୁ ରାସ୍ତା ଗୁଡ଼ିକ ବନ୍ଦ ହୋଇଗଲା । ସେଥିଯୋଗୁଁ ମୁଁ ବହୁତ ଚିନ୍ତାରେ ପଡ଼ିଯାଇଥିଲି । ମୁଁ ଏ ପ୍ରାର୍ଥନା କଲି ଯେ, ଅଲ୍ଲାଃ ତାଲା ! ମୋ ଚାନ୍ଦାକୁ ମର୍କଜରେ ପହଂଚାଇବାର ଏବେ କୌଣସି ମାଧ୍ୟମ ନାହିଁ ଆଉ ଅଳ୍ପ ଦିନ ରହିଗଲାଣି ତେଣୁ କୌଣସି ମାଧ୍ୟମ ବନାଇ ଦିଅ । ସୁତରାଂ ଆଜି ଯେତେବେଳେ ଆପଣମାନେ ଏହା ଦେଖିବା ପାଇଁ ଏଠାରେ ଆସି ପହଂଚିଛନ୍ତି ଯେ, ଆମେ କିପରି ଅଛୁ ? ଆମଠାରୁ ଚାନ୍ଦା ନେବାପାଇଁ ଆସିନଥିଲେ । ତେଣୁ ସେଥିଯୋଗୁଁ ମୁଁ ଅଚାନକ କାନ୍ଦିବାକୁ ଲାଗିଲି ଯେ, ଅଲ୍ଲାଃ ତାଲା କେତେ ଶିଘ୍ର ମୋ ଦୂଆକୁ କବୁଲ୍ କଲେ ଏବଂ ମୁଁ ନିଜର ଏହି ଫର୍ଜକୁ ପୂରା କରିବାପାଇଁ ଅବସର ପାଇଲି । ନିଜର କ୍ଷତି ପାଇଁ କୌଣସି ଚିନ୍ତା ନାହିଁ । ହଜୁର ଅନଓ୍ୱର କହୁଛନ୍ତି: ଏ ଚିନ୍ତା ରହିଛି ଯେ, ମୁଁ ଯେଉଁ କାର୍ଯ୍ୟ ଅଲ୍ଲାଃ ତାଲାଙ୍କ ଉଦ୍ଦେଶ୍ୟରେ କରିବାପାଇଁ ପ୍ରତିଶ୍ରୁତି ଦେଇଥିଲ, ମୁଁ ଖୁଦାତାଲାଙ୍କ ସାନ୍ନିଧ ହାସଲ କରିବାପାଇଁ ଯେଉଁ କୁର୍ବାନୀ କରିବାକୁ ଚାହୁଁଥିଲି ତାହାର ପଇଠ ସମୟ ମୁତାବକ ହୋଇଯାଉ ।

ଇଣ୍ତିଆରୁ ଇବ୍ରାହିମ୍ ସାହେବ ଇନ୍‌ସେପକ୍ଟର ତହରିକ ଯଦିଦ୍ କର୍ଣ୍ଣାଟକ ପ୍ରଦେଶରୁ ଲେଖୁଛନ୍ତି, ଏହି ଘଟଣାରେ ମଧ୍ୟ ଅଲ୍ଲାଃ ତାଲାଙ୍କର ବ୍ୟବହାରର ଏକ ଉଦାହରଣ ରହିଛି । ଗୁଲ୍‌ବୋର୍‌ଗା ର ଜଣେ ଖାଦିମ୍ ଅଛନ୍ତି ତାଙ୍କୁ ବାଙ୍ଗାଲୋରର ଏକ କମ୍ପାନୀରେ ମାସିକ ୨୦ ହଜାର ବେତନରେ ଗୋଟିଏ ଚାକିରି ମିଳିଥିଲା । ସେ କହୁଛନ୍ତି ତାଙ୍କୁ ହଜରତ ମୁସ୍‌ଲେହ ମଉଦ ର:ଅଙ୍କର କଥନ ଅନୁସାରେ ମିଆରି କୁର୍ବାନୀ ଅର୍ଥାତ ଉଚ୍ଚସ୍ତରର କୁର୍ବାନୀ କରିବାପାଇଁ ପ୍ରୋତ୍ସାହନ କରାଗଲା ଓ ତାଙ୍କୁ ତାଙ୍କର ଦରମାର ଅଧା ତହରିକ୍ ଯଦିଦ୍‌ରେ ଦେବାପାଇଁ କୁହାଗଲା । *(ଖୁତ୍‌ବାତେ ମେହମୁଦ୍ ଖଣ୍ଡ-୨୮, ପୃ-୧୭୩ ଖୁତ୍‌ବା ଜୁମା ପ୍ରଦତ ୯ ମଇ ୧୯୪୭)* । ସୁତରାଂ ତାଙ୍କ ଘରର ଆର୍ଥିକ ଅବସ୍ଥା ଠିକ୍ ନଥିବା ସତ୍ତ୍ୱେ ମଧ୍ୟ ସେ ୧୦୦୦୦ ଟଙ୍କା ଓ୍ୱାଦା କଲେ ଏବଂ ତାଙ୍କୁ ତାଙ୍କ ବନ୍ଧୁବାନ୍ଧବମାନେ କହିବାକୁ ଲାଗିଲେ ଯେ, ଏବେ ତୁମକୁ ନୂଆ ଚାକିରି ମିଳିଛି ଏତେ ଟଙ୍କା ଓ୍ୱାଦା କରିବା ଠିକ୍ ନୁହେଁ । ଅର୍ଥାତ ଗୋଟିଏ ମାସର ଅଧା ଦରମା ଓ୍ୱାଦା ଲେଖାଇବା ଠିକ୍ ନୁହେଁ, ବହୁତ ଅସୁବିଧା ହେବ । ଏଥିରେ ସେ ମହାଶୟ କହିଲେ ହଜରତ ମୁସ୍‌ଲେହ ମଉଦ ର:ଅ ଏକଥା କହିଛନ୍ତି ଯେ, ଯେ ପର୍ଯ୍ୟନ୍ତ ମନୁଷ୍ୟ ସମ୍ପୁର୍ଣ୍ଣ ଚେଷ୍ଟା କରେ ନାହିଁ ସେ ପର୍ଯ୍ୟନ୍ତ ଖୁଦାତାଲାଙ୍କ ଫରିସ୍ତା ତାଙ୍କ ଭିତରେ ବଳ ଓ ଶକ୍ତି ସୃଷ୍ଟି କରନ୍ତି ନାହିଁ । *(ଖୁତ୍‌ବାତେ ମେହମୁଦ୍ ଖଣ୍ଡ-୩୨, ପୃ-୧୩୬ ଖୁତ୍‌ବା ଜୁମା ପ୍ରଦତ ୭ ସେପ୍ଟେମ୍ବର ୧୯୫୧)* । ତେଣୁ ସେଥିଯୋଗୁଁ ମୁଁ ତ ଏ ଚାନ୍ଦା ଦେବି । ସେ କହୁଛନ୍ତି ଏକଥାକୁ ଏବେ କିଛି ଦିନ ବିତିନଥିଲା ଯେ, ତାଙ୍କୁ ଆଉ ଏକ କମ୍ପାନୀରେ ଚାକିରି ମିଳିଗଲା । ଯେଉଁଠି ତାଙ୍କୁ ଅଲ୍ଲାଃ ତାଲାଙ୍କ କୃପାରୁ ୧ଲକ୍ଷ ୨୭ ହଜାର ଟଙ୍କା ମାସିକ ଦରମା ପାଉଛନ୍ତି । ଏବଂ ସେ କହୁଛନ୍ତି ଯେ, ଏହା ମଧ୍ୟ ଚାନ୍ଦାର ବର୍‌କତ୍‌ରୁ ହିଁ ହେଲା ।

ପୁଣି ଇଣ୍ତିଆ କେରଳ ପ୍ରଦେଶର ଇନ୍‌ସପେକ୍ଟର ତହରିକ ଯଦିଦ ଲେଖୁଛନ୍ତି କି, ଏଠି କେରୋଲାଇ ଯମାତ୍‌ରେ ଆମର ଜଣେ ନିଷ୍ଠାବାନ ଅହେମଦୀ ଅଛନ୍ତି । ସେ ତହରିକ୍ ଯଦିଦ୍‌ରେ ମାଲି କୁର୍ବାନୀ କରୁଥିବା ଲୋକମାନଙ୍କ ମଧ୍ୟରେ ଜଣେ ଏକ ସ୍ୱତନ୍ତ୍ର ସ୍ଥାନ ରଖିଛନ୍ତି ତାଙ୍କର ପର୍ଣ୍ଣିଚର କାରବାର ଅଛି । ଓ୍ୱକିଲୁଲ୍‌ମାଲ୍ ଏକ ଗସ୍ତ ସମୟରେ ସେ ଦୁଆ କରାଇବା ଉଦ୍ଦେଶ୍ୟରେ ନିଜର ଫାକ୍ଟ୍ରିଗୁଡ଼ିକୁ ତାଙ୍କୁ ଦେଖାଇଲେ ଓ ଏକଥା ମଧ୍ୟ ପ୍ରକାଶ କଲେ ଏବେ ତାଙ୍କ କାରବାରର ଅବସ୍ଥା ଭଲ ନାହିଁ ତେଣୁ ଦୁଆ କରିବା ପାଇଁ କହିଲେ ଓ ସେଠାରେ ବିଶେଷ ଦୁଆ କରାଇଲେ । ସେ ଯାହା ହେଉ ଏଭଳି ପରସ୍ଥିତି ସତ୍ତ୍ୱେ ମଧ୍ୟ ଏ ବର୍ଷ ଯେଉଁ ଚାନ୍ଦା ତାଙ୍କର ଥିଲା ତାହା ୧୫ ଲକ୍ଷ ଟଙ୍କାର ଓ୍ୱାଦା ଲେଖାଇଥିଲେ କିନ୍ତୁ ବର୍ଷକ ମଧ୍ୟରେ ତାଙ୍କ ଓ୍ୱାଦା ଅନୁସାରେ କେବଳ ୨ ଲକ୍ଷ ଟଙ୍କା ପଇଠ ହୋଇପାରିଥିଲା । ସମୟ କଣ ଥିଲା ସେଥିଯୋଗୁଁ ସେ ବହୁତ ବ୍ୟସ୍ତ ହୋଇପଡ଼ିଥିଲେ ତାଙ୍କୁ ଏ ଚିନ୍ତା ଘାରୁଥିଲା ଯେ, କେମିତି ଏ ଚାନ୍ଦା ପଇଠ ହେବ । ହଜୁର ଅନଓ୍ୱର କହୁଛନ୍ତି: ସେ ମତେ ମଧ୍ୟ ଚିଠି ଲେଖୁଥିଲେ । ଆର୍ଥିକ ବର୍ଷର ଶେଷ ଦିନ ଏ ଚିଠି ଲେଖିଥିଲେ ଯେ, ଆର୍ଥିକ ବର୍ଷର ଶେଷ ଦିନ ଚାଲିଛି ଦୁଆ କରନ୍ତୁ ଅଲ୍ଲାଃ ତାଲା ନିଜର କୃପା ଦ୍ୱାରା ମତେ ମୋ ପ୍ରତିଶ୍ରୁତିକୁ ପୂରଣ କରିବା ପାଇଁ ସାମର୍ଥ୍ୟ ଦିଅନ୍ତୁ । ସେ କହୁଛନ୍ତି ଏବେ କିଛି ଘଂଟା ବିତିନଥିଲା ଯେ, ବହୁତ ବଡ଼ ଅର୍ଥ ରାଶି ତାଙ୍କ ବ୍ୟାଙ୍କ ଖାତାରେ ଆସିଗଲା ଯଦ୍ୱାରା ସେ ନା କେବଳ ନିଜ ଦ୍ୱାରା ପ୍ରତିଶ୍ରୁତି କରାଯାଇଥିବା ଚାନ୍ଦାର ପଇଠ କଲେ ବରଂ ବହୂତ ବଡ଼ ଅର୍ଥରାଶି ଆହୁରତି ଅଧିକ ମଧ୍ୟ ପଇଠ କଲେ ଏବଂ କାରବାର ପାଇଁ ତାଙ୍କୁ କିଛି ଅର୍ଥର ଆବଶ୍ୟକତା ଥିଲା ସେ ଆବଶ୍ୟକତା ମଧ୍ୟ ସେଥିରୁ ପୁରଣ ହୋଇଗଲା ।

ପୁଣି ବେନିନ୍ ର ନ୍ୟାତିଟିଙ୍ଗୁ ରିଜିଅନ୍‌ର ମୁଅଲିମ୍ ଲେଖୁଛନ୍ତି ଯେ, କତମ୍‌ପୁତି ଯମାତ୍‌ର ଜଣେ ବନ୍ଧୁ ଅଛନ୍ତି ଯେବେ ତାଙ୍କୁ ଏକଥା କୁହାଗଲା ସେ ତତ୍‌କ୍ଷଣାତ୍ ୩ ହଜାର ଫ୍ରାଙ୍କ ସିଫା ବାହାରକରି ପେଶ୍ କଲେ । ମୁଅଲିମ୍ କହୁଛନ୍ତି ଯେ, ମୁଁ ଆଶ୍ଚର୍ଯ୍ୟ ହୋଇ ତାଙ୍କୁ ପଚାରିଲି ତୁମେ ଏତେବଡ଼ ଅର୍ଥରାଶି କେମିତି ଦେଲ ଏହାର କାରଣ କଣ ? କାରଣ ତାଙ୍କୁ ବହୁତ ତାଗିଦ୍ କରିବା ସତ୍ତ୍ୱେ ମଧ୍ୟ ସେ ଆଜି ପର୍ଯ୍ୟନ୍ତ ୫ଶହ ସିଫା ଫ୍ରାଙ୍କରୁ ଅଧିକ ଅର୍ଥ

**ଅଲ୍ଲା ତାଲାଙ୍କ ବାଣୀ**

''ମା ଲକୁମ୍ ମିନ୍ ଦୁନିଲ୍ଲାହି ମିଉଁ ଓ୍ୱଲିଇଉଁ ଓ୍ୱଲା ନସିର୍ ଅର୍ଥାତ୍; ଅଲ୍ଲାଃଙ୍କ ବ୍ୟତୀତ ତୁମମାନଙ୍କର କୌଣସି ମିତ୍ର ବା ସାହାଯ୍ୟକାରୀ ନାହାନ୍ତି''

*(ସୁରଃ ବକ୍‌ରାଃ: ୧୦୮)*

ତାଲିବେ ଦୁଆ: *Farzan Ali Khan & Family,*
*Jamat Ahmadiyya, Pankal (Odisha)*

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ତୁମେ ଆପୋଷରେ ଖୁବ୍ ଶିଘ୍ର ସୁଲାହ୍ କର ଓ ନିଜ ଭାଇମାନଙ୍କ ଦୋଷ କ୍ଷମାକର କାରଣ ସେ ବ୍ୟକ୍ତି ହେଉଛି ଦୁଷ୍ଟ ଯିଏ ନିଜ ଭାଇଙ୍କ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ ।''

*(କଶ୍‌ତି ନୁହ୍, ରୁହାନି ଖଜାଇନ୍ ଖଣ୍ଡ-୧୯, ପୃ-୧୨)*

ତାଲିବେ ଦୁଆ: *Abdul Chand & Family,*
*Jamat Ahmadiyya, Kerang (Odisha)*

ଦେଇନଥିଲେ । ଏଥିରେ ସେ କହିଲେ ଯେ, ମୁଁ ଚାନ୍ଦା ଦେବାରେ ବହୁତ ଅବହେଳା କରିଥାଏ ସୁତରାଂ ମୁଁ ଦେଖିବାକୁ ପାଇଲି ଯେ ଦିନକୁ ଦିନ ଅସୁବିଧା ବଢ଼ିବାରେ ଲାଗିଛି ଓ ଫସଲ ମଧ୍ୟ ଭଲ ହେଉନାହିଁ । ପଛ ଥରକ ଯେତେବେଳେ ମୁଁ ଚାନ୍ଦା ଦେଇଥିଲି, ଏକଥା ଭାବି ଦେଇଥିଲି ଯେ, ମୁଁ ଦେଖିବାକୁ ଚାହୁଁଛି ଏ ଚାନ୍ଦାର ବରକତ୍‌ରୁ ମୁଁ କେତେ ଲାଭବାନ ହେବି । ସୁତରାଂ ମୁଁ ପରୀକ୍ଷା କରି ଦେଖିଲି ଯେ, ଚାନ୍ଦାର ବର୍‌କତ୍ ଯୋଗୁଁ ଖୁଦାତାଲା ବାସ୍ତବିକ ଲୁକ୍କାୟିତ ରୂପେ ସାହାଯ୍ୟ କରିଥାଏ । ଆମର ଆବଶ୍ୟକତାକୁ ପୂରଣ କରିଥାଏ । ଫସଲରେ ବରକତ ପ୍ରଦାନ କରିଥାଏ । ଯେହେତୁ ମୁଁ ନିଜେ ଏହା ସବୁ ପରୀକ୍ଷା କରିସାରିଛି ତେଣୁ ଆପଣଙ୍କ କହିବା ପୂର୍ବରୁ ହିଁ ମୁଁ ମୋ ଚାନ୍ଦାକୁ ପାଂଚଗୁଣା ବଢ଼ାଇ ଦେଇଦେଲି ।

କାନାଡ଼ାରେ ୱାନ୍ ଯମାତ୍‌ର ପିଲାମାନଙ୍କର ଗୋଟିଏ ଉଦାହରଣ । ସେଠିକାର ସଦର ସାହେବ କହୁଛନ୍ତି ଯେ, ଅକ୍ଟୋବର ମାସରେ ଆମେ ଯମାତ୍‌ର ତହରିକ ଯଦିଦ୍‌ର ୱାଦାଗୁଡ଼ିକୁ ପୂରଣ କରିବା ପାଇଁ କାମ କରୁଥିଲୁ । ତେଣୁ ପିଲାମାନଙ୍କୁ ମଧ୍ୟ ଆମେ ପ୍ରୋତ୍ସାହିତ କଲୁ । ସେମାନେ ମଧ୍ୟ ନିଜ ପକେଟ ଖର୍ଚ୍ଚରୁ ଟଙ୍କା ବାହାର କରି ନିଜ ନିଜର ୱାଦାଠାରୁ ଅଧିକ ଚାନ୍ଦା ଦେଲେ । ଜଣେ ଝିଅ ଯିଏ ଏବେ ଏବେ ଇଂଜିନିୟର କୋର୍ସ ପୂରଣ କରିଛନ୍ତି ତାଙ୍କ ନିକଟରେ କିଛି ରକମ ଥିଲା ସେ ସେହି ସବୁ ଅର୍ଥକୁ ଚାନ୍ଦାରେ ଦେଇଦେଲେ । ପ୍ରଥମେ ସେ ଇଂଟରଭ୍ୟୁ ଚାକିରି କରିବା ପାଇଁ ଦଉଥିଲେ କିନ୍ତୁ ସେଥିରେ ସଫଳ ହେଉନଥିଲେ । ଯେଉଁଦିନ ଏ ଚାନ୍ଦା ସେ ପଇଠ କଲେ ତା'ପର ଦିନ ଗୋଟିଏ ଚାକିରି ପାଇଁ ଇଂଟରଭ୍ୟୁ ହୋଇଥିଲା ସେ ଇଂଟରଭ୍ୟୁ ଦେଇ ଘରକୁ ଆସିଲାବେଳେ ବହୁତ ଖୁସୀ ହୋଇଥିଲେ ଯେ, ତାଙ୍କ ସହିତ ଇଂଟରଭ୍ୟୁ ଚାଲିଥିଲା ସମୟରେ ମଧ୍ୟ କୌଣସି ଅଦୃଶ୍ୟ ଶକ୍ତି ଥିଲା ସେଥିଯୋଗୁଁ ବହୁତ ସହଜରେ ସବୁକିଛି ହୋଇଗଲା ଏବଂ ଯେଉଁ କମ୍ପାନି ପାଇଁ ସେ ଇଂଟରଭ୍ୟୁ ଦେଇଥିଲେ ସେଠାରେ ଅହୁରି ବି ଅନେକ ଲୋକ ଇଂଟରଭ୍ୟୁ ଦେଇଥିଲେ । ସେ କହୁଥିଲେ ଯେ, ଇଂଟରଭ୍ୟୁ ତ ବହୁତ ଭଲ ହୋଇଛି କିନ୍ତୁ ଏହାର ଫଳାଫଳ ବର୍ଷ ଶେଷରେ ଜଣାପଡ଼ିବ । କିନ୍ତୁ ଦୁଇଦିନ ପରେ ହିଁ ସେହି ଝିଅଟିକୁ କଲ୍ ଆସିଗଲା ଯେ, ତୁମକୁ ସିଲେକ୍ଟ କରିଦିଆଯାଇଛି । ତେଣୁ ଫେବୃୟାରୀ ୨୦୨୦ରୁ କାମ ଆରମ୍ଭ କରିବାକୁ ହେବ । ପୁଣି ତା'ପର ଦିନ କଲ୍ ଆସିଲା ଯେ, ବାକି ଲୋକମାନେ ଫେବୃୟାରୀ ମାସରୁ ଆରମ୍ଭ କରିବେ କିନ୍ତୁ ତୁମେ ଏ ବର୍ଷ ନଭେମ୍ବରରୁ କାମ ଆରମ୍ଭ କରିପାର । ଏଥିରୁ ସେହି ଝିଅଟିକୁ ମଧ୍ୟ ତା'ର ଇମାନ୍‌କୁ ଶକ୍ତି ପହଂଚିଲା । ତା ଇମାନ୍‌ର ଅଭିବୃଦ୍ଧି ହେଲା ଓ ସେ ମଧ୍ୟ ଅଲ୍ଲାଃ ତାଲାଙ୍କ କୃପାକୁ ଦେଖିନେଲେ ।

ଏବେ ପ୍ରତ୍ୟେକ ଦେଶରେ ଅଲ୍ଲାଃ ତାଲା ଲୋକମାନଙ୍କୁ ସେମାନଙ୍କ କୁର୍ବାନୀ ପରେ ନିଜର କୃପାର ଦୃଶ୍ୟ ଦେଖାଇଥାଏ । ମସ୍କୋ ର ମୁବଲିଗ୍ ଲେଖୁଛନ୍ତି ଜଣେ ବନ୍ଧୁ ହେଉଛନ୍ତି କାଇର୍ ସାହେବ୍ । ଉସ୍‌ବେଗିସ୍ତାନର ବୁଖାରା ସହର ସହିତ ତାଙ୍କର ସମ୍ବନ୍ଧ ରହିଛି । ସେ ବହୁ ଦିନ ହେବ ମସ୍କୋରେ କାମ କରିବାପାଇଁ ଆସୁଛନ୍ତି । କିଛିଦିନ ଏଠାରେ କାମ କରୁଛନ୍ତି ପୁଣି ଯେଉଁସବୁ ଅର୍ଥ ଏଠାରେ ରୋଜଗାର କରୁଛନ୍ତି ତାହା ନେଇ ଉଜ୍‌ବେଗିସ୍ତାନ ଲେଉଟି ଯାଉଛନ୍ତି । ତାଙ୍କ ପତ୍ନୀ ବୟତ କରିବାପାଇଁ ପ୍ରଥମେ କିଛି ଅବହେଳା କରୁଥିଲେ କିନ୍ତୁ ପୁଣି ଅଧ୍ୟୟନ କଲେ, ଦୁଆ କଲେ ଫଳତଃ ତାଙ୍କୁ ବୟତ କରିବା ପାଇଁ ସୌଭାଗ୍ୟ ମିଳିଲା । କିଛିଦିନେ ପୂର୍ବେ ତାଙ୍କୁ ତହରିକ୍ ଯଦିଦ୍ ଚାନ୍ଦା ପ୍ରତି ଧ୍ୟାନ ଆକର୍ଷଣ କରାଗଲା ତାଙ୍କ ପତ୍ନୀଙ୍କ କଥା କହି ଏକଥା କୁହାଗଲା ଯେ, ସେ ତହରିକ୍ ଯଦିଦ୍ ଓ ୱକଫେ ଯଦିଦ୍‌ରେ ଭାଗ ନିଅନ୍ତୁ ଏଥିରେ ସେ ବତାଇଲେ ଯେ, ସେ ଆଜିକାଲି ଉସ୍‌ବେଗିସ୍ତାନରେ ଟ୍ୟାକ୍ସି ଚଲାଉଛନ୍ତି ଏବଂ ତାଙ୍କର ପତ୍ନୀ ସିଲାଇ କାମ କରୁଛନ୍ତି । ଦୁଇଜଣଯାକ ସ୍ୱାମୀ ସ୍ତ୍ରୀ ଏ ନିୟମ ବନାଇଛନ୍ତି ଯେ, ନିଜ ଆମଦାନୀକୁ ସେ ତିନିଭାଗ କରୁଛନ୍ତି ସେଥିମଧ୍ୟରୁ ଗୋଟିଏ ଭାଗ ପିଲାମାନଙ୍କ ପାଇଁ, ଗୋଟିଏ ଭାଗ ଘର କାର୍ଯ୍ୟ ପାଇଁ ଓ ଆଉ ଗୋଟିଏ ଭାଗ ଚାନ୍ଦା ଆକାରରେ ଅଲ୍ଲାଃ ତାଲାଙ୍କ ମାର୍ଗରେ କୁର୍ବାନୀ ଦେବାପାଇଁ ରଖିଛନ୍ତି । ଏହିଭଳି ଦୁଇଜଣଯାକ ସ୍ୱାମୀ ସ୍ତ୍ରୀ ବହୁତ ଶାନ୍ତିରେ ଅଛନ୍ତି ଏବଂ ବହୁତ ସନ୍ତୁଷ୍ଟ ଅଛନ୍ତି ସେହିପରି ତାଙ୍କର ପାରିବାରିକ ଜୀବନ ମଧ୍ୟ ଆନନ୍ଦରେ କଟୁଅଛି । କାଇର୍ ସାହେବ କହୁଛନ୍ତି ଯେ, ଯେବେଠାରୁ ସେ ଚାନ୍ଦା ଦେବା ପାଇଁ ଭାଗନେବା ଆରମ୍ଭ କଲେ, ଅଲ୍ଲାଃ ତାଲା ବିଶେଷ ବରକତ୍ ପ୍ରଦାନ କଲେ ଓ ତାଙ୍କର ଆମଦାନୀରେ ଏତେ ବର୍‌କତ୍ ହେଲା ଯେ, ଏପରି ପଛ ବର୍ଷଗୁଡ଼ିକରେ କେବେ ହୋଇନଥିଲା ।

ପୁଣି ରଷିଆରୁ ମୁବଲିଗ୍ ଇନ୍‌ଚାର୍ଜ ଲେଖୁଛନ୍ତି ଯେ, ମସ୍କୋର ରସଲାନ୍ ସାହେବ ଯିଏ ସେଫ୍ ଭାବେ କାର୍ଯ୍ୟରତ । କିଛି ଦିନ ପୂର୍ବେ ସେ ଘର ବନାଇବା ପାଇଁ ବହୁତ ଗୁଡ଼ିଏ ଅର୍ଥ କରଜ ନେଇଛନ୍ତି ଓ ବହୁଦିନ ହେବ ଦୁଇଗୁଣା କାମ କରି କରଜ ମୁକ୍ତ ହେବା ପାଇଁ ଚେଷ୍ଟା କରୁଥିଲେ । ଦିନେ ତାଙ୍କର ଫୋନ୍ ଆସିଲା ଯେ, ମୁଁ ଏବେ ତତ୍‌କ୍ଷଣାତ୍ ଆପଣଙ୍କୁ ଚାନ୍ଦା ପଠାଇବାକୁ ଚାହୁଁଛି କାରଣ ପଚାରିବାରୁ ସେ କହିଲେ ଯେ, ଯେଉଁ ଜାଗାରେ ସେ ପୂର୍ବେ କାମ କରୁଥିଲେ ସେଠାରେ ତାଙ୍କର ଯେଉଁ ମଜୁରୀ ଥିଲା ସେଥିରୁ ଅନେକ ଗୁଡ଼ିଏ ଟଙ୍କା ମାଲିକଙ୍କ ନିକଟରେ ଫସି ରହିଥିଲା, ସେଥିପାଇଁ ସେ ଦୁଆ କରିବା ପାଇଁ ଲେଖିଥିଲେ ସୁତରାଂ ଅଲ୍ଲାଃ ତାଲା ସେଇ ବୁଡ଼ି ଯାଉଥିବା ଅର୍ଥକୁ କେବଳ ନିଜ କୃପାରୁ ଲେଉଟାଇ ଦେଲେ । ସେ କହୁଛନ୍ତି ଏହା ଦେଖି ମୋ ମନ ଭିତରେ ଭିଷଣ ଇଚ୍ଛା ସୃଷ୍ଟି ହେଲା ଯେ, ମୁଁ ଯେତେ ଶୀଘ୍ରପାରେ ଚାନ୍ଦା ପଇଠ କରିଦେବି । ଏବଂ ପୁଣି ସେ ସେତିକିବେଳେ ଚାନ୍ଦା ଆକାରରେ ବହୁତ ବଡ଼ ରାଶି ମୁରବୀ ସାହେବଙ୍କୁ ପଠାଇଦେଲେ ।

ଜର୍ମାନୀ ଯମାତ୍‌ର ଗୋଟିଏ ଝିଅ ଏକଥା ଲେଖୁଛନ୍ତି ଯେ, ମୁଁ ଦୁଇମାସ ହେବ ଗର୍ଭବତୀ ଥିଲି । ଏବେ ତାଙ୍କର ପିଲାଟି ଜନ୍ମ ମଧ୍ୟ ହୋଇଯାଇଛି । ଏବଂ ସେ ଦୁଇ ବର୍ଷର ହୋଇଗଲାଣି । ସେ କହୁଛନ୍ତି ଯେତେବେଳେ ମୁଁ ଗର୍ଭବତୀ ଥିଲି ସେତେବେଳେ ଏ ଦୁଆ କରିଥିଲି, ବହୁତ ଦୁଆ କରିଥିଲି ଓ ମୁଁ ଏ ୱାଦା କରିଥିଲି ଯେ, ପ୍ରତ୍ୟେକ ମାସ ତହରିକ୍ ଯଦିଦ୍‌ରେ ଶହେ ୟୁରୋ ଦେବି । ବାକି ୭ ମାସ ଅଲ୍ଲାଃ ତାଲା ବହୁତ ଭଲ ଭାବେ ବିତାଇଦେଲେ କୌଣସି ପ୍ରକାରର ଅସୁବିଧା ହେଲା ନାହିଁ ସବୁ ଅସୁବିଧା ଦୂର ହୋଇଗଲା । ଅଲ୍ଲାଃ ତାଲା ତା କରୁଣାରୁ ଗୋଟିଏ ପୁତ୍ର ସନ୍ତାନ ପ୍ରଦାନ କଲେ । ପୁଣି ସେ କହୁଛନ୍ତି ଏବେ ମଧ୍ୟ ମୁଁ ଅଲ୍ଲାଃ ତାଲାଙ୍କ ସହିତ କରିଥିବା ୱାଦା (ପ୍ରତିଶୃତି) ତହରିକ୍ ଯଦିଦ୍‌ର ଚାନ୍ଦା ଆକାରରେ ପୂରଣ କରୁଅଛି ।

ଦୁନିଆରେ ସେହି ଭାଗରେ ଯେଉଁଠାରେ ଭୌତିକବାଦରେ ଲୋକମାନେ ବୁଡ଼ି ରହିଛନ୍ତି ଓ ଖୁଦାଙ୍କ ସହିତ ସେମାନଙ୍କ ଦୂରତା ବଢ଼ି ଚାଲିଛି ସେଠାରେ ଅଲ୍ଲାଃ ତାଲା ଅହେମଦୀମାନଙ୍କୁ ନିଜର କୃପା ପ୍ରଦାନ କରି ଯେଉଁଠି ନିଜ ଅସ୍ତିତ୍ୱର ଠିକଣା ଦେଉଅଛି ସେଠାରେ ଅହେମଦୀୟତର ବାସ୍ତବିକ ଓ ସତ୍ୟତା ମଧ୍ୟ ସେମାନଙ୍କ ଉପରେ ପ୍ରକାଶ ହେଉଅଛି ।

ଲଟ୍ଭିୟା ର ମୁବଲିଗ୍ ଲେଖୁଛନ୍ତି ଯେ, ଲଟ୍ଭିୟା ର ଜଣେ ଅହେମଦୀ ୱାହିଦୁଫ୍ ସାହେବ୍ ତାଙ୍କର ସମ୍ବନ୍ଧ ମଧ୍ୟ ଉଜ୍‌ବେଗିସ୍ତାନର ବୁଖାରା ସହିତ ଅଛି । କିଛି ବର୍ଷ ପୂର୍ବେ ତାଙ୍କୁ ଅହେମଦିୟତ ଗ୍ରହଣ କରିବା ପାଇଁ ସୌଭାଗ୍ୟ ମିଳିଛି । ଅଲ୍ଲାଃ ତାଲାଙ୍କ କୃପାରୁ ତାଙ୍କର ନିଷ୍ଠା ଓ ଭକ୍ତିଭାବ ବଢ଼ି ଚାଲିଛି । ତାଙ୍କର ତାଙ୍କ ପରିବାର ସହିତ ପୂଣ୍ୟ ବ୍ୟବହାର ଦେଖି ପଛ ବର୍ଷ ତାଙ୍କ ପତ୍ନୀ ମଧ୍ୟ ବୟତ କରି ଯମାତ୍‌ରେ ସାମିଲ ହୋଇଛନ୍ତି । ସେ କହୁଛନ୍ତି ଯେ, ସେ ମତେ ଫୋନ୍ ଜରିଆରେ ଚାନ୍ଦା ପଇଠ କରିବା ପାଇଁ ବତାଇଲେ । ସେ କହୁଛନ୍ତି ଛଅମାସ ଉଜ୍‌ବେଗିସ୍ତାନରେ ମୁଁ କାମ କରିଥାଏ ଏବଂ ଛଅମାସ ରଷିଆରେ ଯାଇ କାମ କରିଥାଏ । ଏ ବର୍ଷ ବୁଖାରା ସହରରେ ଗୋଟିଏ ଫ୍ଲାଟ୍ କିଣିଥିଲି । ସେଥିଯୋଗୁଁ ମତେ ନିଜର ଗାଡ଼ିକୁ ବିକ୍ରି କରିବାକୁ ପଡ଼ିଲା । ସେ କହୁଛନ୍ତି ଯେତେବେଳେ ମୁଁ କାମ କରିବା ପାଇଁ ରଷିଆ ଗଲି ସେତେବେଳେ ମୁଁ ଚିନ୍ତା କଲି ଯେ, ଅଲ୍ଲାଃ ତାଲାଙ୍କ ସହିତ ଗୋଟିଏ ସଉଦା କରିବା ଉଚିତ । ସୁତରାଂ ମୁଁ ଏହି ନିୟତ କଲି ଚାନ୍ଦା ଦେବା ଆରମ୍ଭ କଲି ଯେ, ଅଲ୍ଲାଃ ତାଲା ମତେ ଚାନ୍ଦା ର ବରକତ୍‌ରୁ ଗାଡ଼ି କିଣିବା ପାଇଁ ସାମର୍ଥ୍ୟ ଦିଅନ୍ତୁ । ଚାନ୍ଦା ଦେବା ପରେ ଅଲ୍ଲାଃ ତାଲା ମୋ କାମରେ ଏତେ ବର୍‌କତ୍ ଦେଲେ ଯେ, ମୋ ନିକଟରେ ଘରର ଅତ୍ୟାବଶ୍ୟକ ଜିନିଷ ବ୍ୟତିତ ଗାଡ଼ି କିଣିବା ପାଇଁ ମଧ୍ୟ ଗୋଟିଏ ଉଚିତ ରାଶି ଜମା ହୋଇଗଲା । ସୁତରାଂ ମୁଁ ବୁଖାରା ଫେରିଆସି ନିଜର ଗୋଟିଏ ଗାଡ଼ି କିଣିଲି ତାହା ସେହି ପୂର୍ବ ଗାଡ଼ିଠାରୁ ମଧ୍ୟ ବହୁତ ଭଲ ଥିଲା ଯାହାକୁ ଫ୍ଲାଟ୍ କିଣିବା ପାଇଁ ମତେ ବିକ୍ରି କରିବାକୁ ପଡ଼ିଥିଲା । ପୁଣି ସେ କହୁଛନ୍ତି ଯେ ଏହା କେବଳ ଚାନ୍ଦାର ବର୍‌କତ୍‌ର ପରିଣାମ ନଚେତ ଏତେ ବଡ଼ ରାଶି ଏକାଠି କରିବା ମୋ ପାଇଁ ଅସମ୍ଭବ ଥିଲା ଏବଂ କିଛି ଦିନ ପୂର୍ବେ ସେ ବୟତ କରିଥିଲେ । ସେ କହୁଛନ୍ତି ଏଥିରେ ମୋ ଇମାନ୍‌ର ମଧ୍ୟ ଅଭିବୃଦ୍ଧି ଘଟିଲା ।

ଗିନିବସାଓ ର ମିବଲିଗ୍ କହୁଛନ୍ତି ଯେ, ଜଣେ ଲୋକ ଅଛନ୍ତି ଯିଏ ଜନ୍ମଗତ ଅହେମଦୀ ହେବା ସତ୍ୱେ ମଧ୍ୟ ଓ ତାଙ୍କୁ ବାରମ୍ବାର କହିବା ସତ୍ୱେ ମଧ୍ୟ ସେ ତହରିକ୍ ଯଦିଦ୍‌ରେ ଚାନ୍ଦା ଦେଉନଥିଲେ । ସେ ବ୍ଲକ୍‌ସ ବନାଇବାର କାରବାର ଆରମ୍ଭ କଲେ ଏବଂ ସିମେଂଟର ୪୦ ଟି ବସ୍ତା ବ୍ୟବହାର କରି ସେ ବ୍ଲକ୍‌ସ ତିଆରି କଲେ । ରାତିକୁ ବର୍ଷା ଆରମ୍ଭ ହୋଇଗଲା ସବୁତକ ବ୍ଲକ୍‌ସ ଖରାପ ହୋଇଗଲା ଓ ସମ୍ପୁର୍ଣ୍ଣରୂପେ ଖରାପ ହୋଇଗଲା । ସେ କହୁଛନ୍ତି ରାତିତମାମ ବହୁତ ବ୍ୟତିବ୍ୟସ୍ତ ହେଲି ଓ ଯେତେବେଳେ ଶୋଇପଡ଼ିଲି ମୁଁ ସ୍ୱପ୍ନରେ ଦେଖିଲି ଯେ ମୋ ମୃତ ବାପା ଆସିଛନ୍ତି ଓ ମତେ କହୁଛନ୍ତି କଣ ତୁମେ ତୁମ ଚାନ୍ଦା ପଇଠ କରିଦେଇଛ ? ଏ କଥା କହି ସେ ଚାଲିଗଲେ । ଅତଃ ଇଦିରିସ୍ ସାହେବ କହୁଛନ୍ତି ଯେ, ସକାଳୁ ଉଠି ସେ ମିଶନ୍ ହାଉସ ଆସିଲେ ଓ ସେଠାରେ ମୁରବୀ ସାହେବଙ୍କୁ କହିଲେ ଯେ, ଆପଣ ତହରିକ୍ ଯଦିଦ୍‌ର ଚାନ୍ଦା ଦେବାଲାଗି କହିଥିଲେ ମୋ ନିକଟରେ ଏବେ ୨୦୦୦ ଫ୍ରାଙ୍କ ଅଛି ତାହା ଏବେ ମୁଁ ଦେବାକୁ ଚାହୁଁ । ଚାନ୍ଦା ପଇଠ କରିବାର ପରଦିନ ଅଲ୍ଲାଃ ତାଲା ତାଙ୍କର କ୍ଷତିକୁ ପୂରଣ କରିଦେଲେ ଯେ, ତାଙ୍କୁ ଗୋଟେ ନୂଆ କଂଟ୍ରାକ୍ଟ ମିଳିଗଲା ଓ ତାହା ଆଠ ଲକ୍ଷ ସିଫାର କଂଟ୍ରାକ୍ଟ ଥିଲା ଫଳତଃ ତାଙ୍କର କରଜ ବୋଝ ଚାଲିଗଲା ଓ ଅଲ୍ଲାଃ ତାଲାଙ୍କ କୃପାରୁ ଏବେ ସେ ଓସିୟତ ମଧ୍ୟ କରିଛନ୍ତି ଓ ତାଙ୍କ ଇମାନ୍‌ରେ ମଧ୍ୟ ଅଭିବୃଦ୍ଧି ହୋଇଛି ।

ମାୟୁଟ୍ ଆଇଲ୍ୟାଣ୍ଡର ଜଣେ ବନ୍ଧୁ ଅଲୀ ମୁହମ୍ମଦ ସାହେବ୍ ଅଛନ୍ତି ତାଙ୍କ ନିକଟରେ କୌଣସି ସ୍ଥାୟୀ କାମ ନଥିଲା କିନ୍ତୁ ସେ କହୁଛନ୍ତି ଯେତେବେଳେ ମୁଁ ତହରିକ୍

ଯଦିଦ୍‌ର ଚାନ୍ଦା ପଇଠ କଲି ମତେ କାମ ଖୋଜିବା ପାଇଁ କୌଣସି ଅସୁବିଧା ହେଲା ନାହିଁ ଗୋଟିଏ କାମ ଶେଷ ହେବା ପୂର୍ବରୁ ଆଉଗୋଟିଏ କାମ ମିଳିଯାଉଛି ଓ ଏବେ ଚାନ୍ଦା ଦେବା ପରେ ଏ ପର୍ଯ୍ୟନ୍ତ ଅନବରତ କାମ ମିଳିଚାଲିଛି । ଏହା ନୂଆ ଯମାତ୍ କିଛି ବର୍ଷ ପୂର୍ବେ ସ୍ଥାପନ ହୋଇଛି । କିନ୍ତୁ ଇମାନ୍ ଓ ନିଷ୍ଠାରେ ତାହା ବହୁତ ଆଗକୁ ବଢ଼ିଥିବା ଯମାତ୍ ।

ପୁଣି ଅମୀର ସାହେବ ଇଣ୍ଡୋନେସିଆ ଲେଖୁଛନ୍ତି । Pangentan ଯମାତ୍‌ର ଜଣେ ଅହେମଦୀ ୱାର୍‌ୟନି ସାହେବ ଯିଏ ଏକୁଟିଆ ରହୁଛନ୍ତି ତାଙ୍କ ସ୍ତ୍ରୀଙ୍କର ଦେହାନ୍ତ ହୋଇଯାଇଛି । ସେ ଚାନ୍ଦା ଦେବାପାଇଁ କିପ୍ରକାରର ଶୈଳୀ ଗ୍ରହଣ କରିଛନ୍ତି ଯେ, ଆଶ୍ଚର୍ଯ୍ୟ ଲାଗୁଛି । କହୁଛନ୍ତି ସେ କ୍ଷତିବାଡ଼ି କରୁଛନ୍ତି ବହୁତ ଗରୀବ ଲୋକ, ପିଲାମାନଙ୍କର ବିବାହ ହୋଇସାରିଛି, ସ୍ତ୍ରୀ ନାହାନ୍ତି ତବ୍‌ଲିଗ୍ ଓ ତରବିୟତ୍ କାମରେ ଅଧିକାଂଶ ସମୟ ମୁବଲିଗ୍‌ଙ୍କୁ ସାହାଯ୍ୟ କରୁଛନ୍ତି । ତାଙ୍କ ନିକଟରେ ଗୋଟିଏ ଛୋଟିଆ ଜମି ଅଛି । ଚାଷି ମାନଙ୍କୁ ସେମାନଙ୍କର ଆମଦାନୀ କିଛି ମାସ ପରେ ହିଁ ମିଳିଥାଏ ଅର୍ଥାତ ତିନିରୁ ଚାରିମାସ ପରେ ଆମଦାନୀ ହୋଇଥାଏ କିନ୍ତୁ ଏହି ଜମିରୁ ଯେଉଁ ଆମଦାନୀ ମିଳୁଛି ସେଥିରୁ ସେ ନିୟମିତ ପ୍ରତ୍ୟେକ ମାସ ଚାନ୍ଦା ଦେଉଛନ୍ତି ଥରେ ମୁବଲିଗ୍ ତାଙ୍କୁ ପଚାରିଲେ ଯେ, ଆପଣଙ୍କ ଫସଲ ତ ତିନି ଚାରିମାସ ପରେ ଅମଳ ହୋଇଥାଏ କିନ୍ତୁ ଆପଣ ନିୟମିତ ପ୍ରତ୍ୟେକ ମାସ କିପରି ଚାନ୍ଦା ଦେଉଛନ୍ତି । ଏଥିରେ ସେ କହିଲେ ମୁଁ ନିୟମିତ ଚାନ୍ଦା ଦେବା ପାଇଁ ଗୋଟିଏ ଉପାୟ ବାହାର କରିଛି । ମୁଁ ମୋ ଜମିର ଗୋଟିଏ ଭାଗକୁ ବିଶେଷଭାବେ ସେଥିରେ ଖର୍ଚ୍ଚ କରିବା ପାଇଁ ଗଛ ଲଗାଇଛି । ଏଭଳି ଶୈଳୀରେ ଲଗାଇଛି ଯେ, ଗୋଟିଏ ଗଛ ଲଗାଇବାର କିଛି ଦିନ ପରେ ଆଉଗୋଟିଏ ଲଗାଇଛି ଅର୍ଥାତ ଗୋଟିଏ ଭାଗ ଜମି ଚାଷ କରି ବୁଣିବାପରେ ଆଉ ଖଣ୍ଡେ ଜମି ବୁଣିଥାଏ ପୁଣି ଆଉ ଖଣ୍ଡେ ଜମିରେ ଗଛ ଲଗାଇଥାଏ । କଦଳୀଗଛ ଲଗାଇଥାଏ କାରଣ ବର୍ଷ ତମାମ ସେ ଫଳ ଦିଏ ତେଣୁ ଏହିପରି ଶୈଳୀରେ ପ୍ରତ୍ୟେକ ମାସ ଫଳ ଅମଳ ହୁଏ ଫଳତଃ ମୁଁ ପ୍ରତ୍ୟେକ ମାସ ଫଳ କାଟି ବଜାରରେ ବିକ୍ରି କରିଥାଏ ସେଥିରେ ଯେଉଁ ଅର୍ଥ ମିଳେ ତାକୁ ଚାନ୍ଦା ଆକାରରେ ଦେଇଦିଏ ।

ପୁଣି ଇଣ୍ଡୋନେସିଆର ଅମିର ସାହେବ ଲେଖୁଛନ୍ତି ଯେ, ସେଠିକାର ଗୋଟିଏ ଗ୍ରାମ ହେଉଛି Pasir Pangaraian । ସେଠିକାର ଜଣେ ନୂଆ ଅହେମଦୀ ଯିଏ କିଛି ଦିନ ପୂର୍ବେ ବୟତ କରିଥିଲେ ତାଙ୍କୁ ତାଙ୍କ ସ୍ତ୍ରୀଙ୍କ ତରଫରୁ ଭୀଷଣ ବିରୋଧ ହେଉଥିଲା କିନ୍ତୁ ସେ ଦୃଢ଼ତାର ସହିତ ଯମାତ୍‌ରେ ଅଛନ୍ତି । ଯେତେବେଳେ ତହରିକ୍ ଯଦିଦ୍‌ର ନୂଆ ବର୍ଷ ଆରମ୍ଭ ହେଲା ଆମ ମୁବଲିଗ୍ ତାଙ୍କୁ ତହରିକ୍ ଯଦିଦ୍‌ର ମାଲି ଯିହାଦ୍‌ରେ ସାମିଲ ହେବା ପାଇଁ ପ୍ରୋତ୍ସାହିତ କଲେ । ଏଥିରେ ସେ ମହାଶୟ ପାଂଚ ଲକ୍ଷ ଇଣ୍ଡୋନେସିଆ ପଇସା ଦେବା ପାଇଁ ୱାଦା କଲେ । ଇଣ୍ଡୋନେସିଆ ପଇସାର ମୂଲ୍ୟ ବହୁତ କମ୍ ହୋଇଥାଏ । କିନ୍ତୁ ସେ ଯାହା ହେଉ ତାଙ୍କ ପାଇଁ ଏହା ବହୁତ ବଡ଼ ରକମ୍ ଥିଲା । ସେ ହେଉଛନ୍ତି ଜଣେ ସ୍ୱେଚ୍ଛାସେବୀ ଶିକ୍ଷକ ତାଙ୍କର ଦରମା ବହୁତ କମ୍ । ଆମ ମୁବଲିଗ୍ ତାଙ୍କୁ ଦୁଇଥର ପଚାରିଲେ ଯେ, ଏତେ ଗୁଡ଼ିଏ ଟଙ୍କା ଲେଖାଇ ଦେଇଛନ୍ତି କ'ଣ ଏହାକୁ ପଇଠ କରିପାରିବେ ? କୌଣସି ଅସୁବିଧାରେ ପଡ଼ିନଯାନ୍ତୁ ଏଥିରେ ସେ ବହୁତ ଦୃଢ଼ ବିଶ୍ୱାସର ସହିତ କହିଲେ ଯେ, ଏହା ହେଉଛି ମୋର ପ୍ରତିଶୃତି । ସୁତରାଂ ରମ୍‌ଜାନ ମାସରେ ଯେବେ ତାଙ୍କୁ ସତ୍‌ପ୍ରତିଶତ ଚାନ୍ଦା ପଇଠ କରିବାପାଇଁ କୁହାଗଲା ସେ ତାହା ପୂରଣ କରିଦେଲେ । ଦିନେ ତାଙ୍କର ଜଣେ ବନ୍ଧୁ ତାଙ୍କୁ ଉପହାର ସ୍ୱରୁପ ଗୋଟିଏ ଲଫାଫାରେ କିଛି ଅର୍ଥ ଦେଲେ ସେ ସେହି ଲଫାଫାଟିକୁ ଖୋଲିଲେ ନାହିଁ ବରଂ ତତ୍‌କ୍ଷଣାତ୍ ସଦର ଯମାତ୍‌ଙ୍କ ଘରକୁ ଆସି କହିଲେ ଯେ, ଏହି ଲଫାଫାରେ ଯାହା କିଛିମଧ୍ୟ ଥିବ ମୁଁ ସେ ସବୁକୁ ତହ୍‌ରିକ୍ ଯଦିଦ୍ ପାଇଁ ଦେଇ ଦେଉଛି । ସଦର ସାହେବ ଯେତେବେଳେ ସେହି ଲଫାଫାଟିକୁ ଖୋଲିଲେ ଦେଖିବାକୁ ପାଇଲେ ଯେ, ସେଥିରେ ବିଲ୍‌କୁଲ୍ ପାଂଚଲକ୍ଷ ଇଣ୍ଡୋନେସିଆ ଟଙ୍କା ଥିଲା ଯାହାକୁ ସେ ସେତିକିବେଳେ ନିଜ ପ୍ରତିଶୃତି ମୁତାବକ ପଇଠ କରିଦେଇଥିଲେ ।

ପୁଣି ପିଲାମାନଙ୍କ ଭିତରେ ଯେଉଁ ନିଷ୍ଠାଭାବ ରହିଛି ଓ କୁର୍ବାନୀ କରିବାର ଯେଉଁ ଅନୁଭବ ରହିଛି ଏପରି ପରିବର୍ତ୍ତନ ମଧ୍ୟ ହଜରତ ମସିହ ମଉଦ ଆ:ସଙ୍କ ଯମାତ୍‌ରେ ଦେଖିବାକୁ ମିଳିଥାଏ ଯାହା ଆପଣ ଆ:ସ ସୃଷ୍ଟି କରିଛନ୍ତି । ଘାନାର ମୁବଲିଗ୍ ଲେଖୁଛନ୍ତି ଯେ, କିଛିଦିନ ପୂର୍ବେ ଯମାତ୍‌ରେ ମାଲି କୁର୍ବାନୀ କରିବା ପାଇଁ ବିଶେଷ ରୂପେ ତହ୍‌ରିକ୍ ଯଦିଦ୍ ସମ୍ବନ୍ଧରେ ଖୁତ୍‌ବା ଦେଲି ଓ ଏକଥା ଉପରେ ଜୋର୍ ଦେଲି ଯେ, ଆମେ ଆମ ପିଲାମାନଙ୍କୁ ମଧ୍ୟ କୁର୍ବାନୀ କରିବାର ଅଭ୍ୟାସ କରିବା ଉଚିତ । ଅର୍ଥାତ ସେମାନେ ନିଜ ହାତରେ ଚାନ୍ଦା ଦିଅନ୍ତୁ । ଏଥିରେ ଆସନ୍ତା ଜୁମାକୁ ନମାଜ୍ ଜୁମାପରେ ଗୋଟିଏ ତିଫିଲ୍ ଅର୍ଥାତ ଛୋଟ ପିଲା ଯାହାର ବୟସ ପାଖାପାଖି ନଅ ଦଶ ବର୍ଷ ହେବ କିଛି ଟଙ୍କା ନେଇ ଆସିଲା ଓ ତହ୍‌ରିକ୍ ଯଦିଦ୍‌ରେ ଚାନ୍ଦା ଦେଇଦେଲା । ତାକୁ ପଚାରିବାରେ ସେ ବତାଇଲା ଯେ, ମୁଁ ମୋ ମାଆ ବାପାଙ୍କଠାରୁ ଚାନ୍ଦା ଦେବାପାଇଁ ଟଙ୍କା ମାଗିଲି କିନ୍ତୁ କୌଣସି କାରଣରୁ ମତେ ତାହା ମିଳିପାରିଲା ନାହିଁ । ହଜୁର କହୁଛନ୍ତି ବୋଧ ହୁଏ ତାଙ୍କ ମାଆବାପାଙ୍କ ପାଖରେ ନଥିବ । ସେ କହୁଛନ୍ତି ମୁଁ ତା'ପରେ ଗୋଟିଏ ଦୋକାନରେ ମଜ୍‌ଦୁରି କରିବା ଆରମ୍ଭ କରିଦେଲି ଯାହା କିଛି ମଜୁରୀ ମିଳିଲା ତାହା ଚାନ୍ଦାରେ ଦେଉଅଛି ।

ପୁଣି ସିରିଆଲିଓନ୍‌ର ଗୋଟିଏ ଉଦାହରଣ ରହିଛି । ସେଠାରେ କେନିମା ର ଲୋକାଲ୍ ମୁଅଲିମ୍ ବଶୀରୁ ସାହେବ ଲେଖୁଛନ୍ତି ଯେ, ଗୋଟିଏ ଯମାତ୍ ତାହା ନାମ ହେଉଛି ସେରାବୁ ସେଠାରେ ଯେତେବେଳେ ଲୋକମାନଙ୍କୁ ତହ୍‌ରିକ୍ ଯଦିଦ୍ ଚାନ୍ଦା ଦେବାପ୍ରତି ଧ୍ୟାନ ଆକର୍ଷଣ କରାଗଲା । ସେ ସମୟରେ ତାଙ୍କର ଗୋଟିଏ ନଅ ଦଶ ବର୍ଷର ପିଲାକୁ ମୁଁ ଦେଖିଲି ଯେ, ସେ ମୁଣ୍ଡରେ ଜାଳେଣୀକାଠର ଗୋଟିଏ ଗୋଛା ନେଇ ଆସିଲା ଓ ମୁଅଲିମ୍ ସାହେବଙ୍କୁ କହିଲା ଯେ, ଏ କାଠଗୁଡ଼ିକୁ ମୋ ଠାରୁ କିଣି ନିଅନ୍ତୁ ଏହା ବଦଳରେ ଯାହା କିଛି ଅର୍ଥ ମିଳିବ ତାକୁ ଚାନ୍ଦାରେ ଦେଇଦିଅନ୍ତୁ । ମୁଅଲିମ୍ ସାହେବ ସେହି କାଠ ଗୁଡ଼ିକୁ ସେହି ପିଲାଠୁ କିଣି ନେଲେ ଓ ଚାନ୍ଦାର ରସିଦ୍ କାଟିଦେଲେ ପୁଣି ପରେ ସେହି କାଠ ଗୁଡ଼ିକୁ ଫେରାଇଦେଲେ ଯେ, ତୁମର ଚାନ୍ଦା ବର୍ତ୍ତମାନ ମିଳିଯାଇଛି ।

ଅଲ୍ଲାଃ ତାଲା ଏହି ଲୋକମାନଙ୍କର ମାଲ୍ ଓ ଇମାନ୍‌ରେ ବହୁତ ବର୍‌କତ୍ ପ୍ରଦାନ କରନ୍ତୁ । ହଜୁର କହୁଛନ୍ତି : ଏହିଭଳି କୁର୍ବାନୀ ଏଠିକାର ପିଲାମାନଙ୍କ ମଧ୍ୟରେ ନଥିବ ଯେ ସେମାନେ ପରିଶ୍ରମ କରି ମଜୁରି କରି ବା ଜଙ୍ଗଲକୁ ଯାଇ କାଠ କାଟି ପୁଣି ଚାନ୍ଦା ଦେବେ । ଏଠିକାର ପରିସ୍ଥିତି ବହୁତ ଭଲ । ଅବଶ୍ୟ ଏଠାରେ ମଧ୍ୟ ବହୁତ ଉଦାହରଣ ରହିଛି କିଛି ପିଲା ଏମିତି ଅଛନ୍ତି ଯେଉଁମାନେ ନିଜର ପକେଟ ଖର୍ଚ୍ଚରୁ ସବୁତକ ଅର୍ଥ ଚାନ୍ଦା ଆକାରରେ ଦେଇ ଦେଉଛନ୍ତି । କିଛି ବିଶେଷ ଜିନିଷ କିଣିବାର ଥିଲା ସେଥିପାଇଁ ଟଙ୍କା ଜମା କରିଥିଲେ କିନ୍ତୁ ତାହା ମଧ୍ୟ କୁର୍ବାନୀ କରିଦେଲେ । ସେ ଯାହା ହେଉ ନିଜ ନିଜ ପରିବେଶରେ ସବୁସ୍ଥାନରେ ନିଷ୍ଠା ଓ ଭକ୍ତିର ଉଦାହରଣ ମିଳିଥାଏ । ଅଲ୍ଲାଃ ତାଲା ଏହି ନିଷ୍ଠା ଓ ଭକ୍ତିଭାବକୁ ବଢ଼ାଇ ଚାଲନ୍ତୁ ।

ଏବେ ମୁଁ କିଛି ବିବରଣୀ ଉପସ୍ଥାପନ କରିବି । ଅଲ୍ଲାଃ ତାଲା ହଜରତ ମସିହ ମଉଦ ଆ:ସଙ୍କ ଯମାତ୍‌କୁ କୁର୍ବାନୀ କରିବାର ଯେଉଁ ସାମର୍ଥ୍ୟ ପ୍ରଦାନ କରିଛନ୍ତି ଏବଂ ଯେଉଁଭଳି ଏମାନେ କୁର୍ବାନୀ କରୁଛନ୍ତି ଏହା ଅଲ୍ଲାଃ ତାଲାଙ୍କ ସାହାଯ୍ୟ ଓ ସହଯୋଗ ବିନା ହୋଇପାରିବ ନାହିଁ । ହୃଦୟକୁ ତ ଅଲ୍ଲାଃ ତାଲା ହିଁ ପରିବର୍ତ୍ତନ କରିଥାନ୍ତି ଓ ଅଲ୍ଲାଃ ତାଲା ହିଁ ଦୁନିଆର ବିଭିନ୍ନ ଦେଶରେ ରହୁଥିବା ଅହେମଦୀ ମାନଙ୍କ, ବଡ଼ ହୁଅନ୍ତୁ ବା ଛୋଟ ହୁଅନ୍ତୁ, ସମସ୍ତଙ୍କ ହୃଦୟରେ ପକାଇଥାଏ । ଯଦି କୌଣସି ବୁଦ୍ଧିମାନ ଥିବେ ତେବେ ସେ ବୁଝିପାରିବେ ଯେ, ଏହା ହେଉଛି ସେହି କଥା ଯାହା ହଜରତ ମସିହ ମଉଦ ଆ:ସଙ୍କ ସତ୍ୟତାର ପ୍ରମାଣ ସେ ଯାହା ହେଉ ଯେମିତି କି ମୁଁ କହିଲି ଯେ, ବର୍ତ୍ତମାନ ମୁଁ କିଛି ବିବରଣୀ ଉପସ୍ଥାପନ କରିବି ।

ଅଲ୍ଲାଃ ତାଲାଙ୍କ କୃପାରୁ ତହ୍‌ରିକ୍ ଯଦିଦ୍‌ର ୮୫ତମ ବର୍ଷ ୩୧ ଅକ୍ଟୋବରକୁ ଶେଷ ହୋଇଛି ଏବଂ ୮୬ ତମ ବର୍ଷ ଆରମ୍ଭ ହୋଇସାରିଛି । ଏ ବର୍ଷ ତହ୍‌ରିକ୍ ଯଦିଦ୍‌ର ମାଲି ନିଜାମ୍‌ରେ (ଅର୍ଥ ବ୍ୟବସ୍ଥା) ୧୩.୬ ମିଲିୟନ୍ ପାଉଣ୍ଡ ପବିତ୍ର କୁର୍ବାନୀର ସୌଭାଗ୍ୟ ମିଳିଛି ଓ ଏ ଅର୍ଥ ବିଗତ ବର୍ଷ ମୁକାବିଲାରେ ଅଲ୍ଲାଃ ତାଲାଙ୍କ କୃପାରୁ ୮ଲକ୍ଷ ୨ ହଜାର ପାଉଣ୍ଡ ଅଧିକା । ଏ ବର୍ଷ ପାକିସ୍ତାନରେ କରେନ୍ସିର ମୁଲ୍ୟ ବହୁତ କମ୍ ହୋଇଯାଇଥିଲା । ସେଠିକାର ରାଜନୈତିକ ଅବସ୍ଥା ଖରାପ ରହିଛି, ଆର୍ଥିକ ଅବସ୍ଥା ଖରାପ ଓ ସେମାନଙ୍କର ଅବସ୍ଥା ମଧ୍ୟ ବହୁତ ଖରାପ ରହିଛି । ଅଲ୍ଲାଃ ତାଲା ସେମାନଙ୍କ ଉପରେ ଦୟା କରନ୍ତୁ । ପାକିସ୍ତାନ ପାଇଁ ଦୁଆ କରନ୍ତୁ । ଅଲ୍ଲାଃ ତାଲା ସେଠିକାର ଅହେମଦୀମାନଙ୍କ ଉପରେ ମଧ୍ୟ କୃପା କରନ୍ତୁ । ତାଙ୍କର ଯେଉଁ ଅବସ୍ଥା ରହୁଥିଲା ତାହା ତ ଏବେ ରହିନାହିଁ । ଏ ବର୍ଷ ପ୍ରଥମ ପୋଜିସନ୍ ଜର୍ମାନୀ ଅକ୍ତିଆର କରିଛି ତେଣୁ ଜର୍ମାନୀ ହେଉଛି ପ୍ରଥମ, ଦ୍ୱିତୀୟ ନମ୍ବରରେ ପାକିସ୍ତାନ, ପୁଣି ବ୍ରିଟେନ୍ । କାରଣ ପୂର୍ବରୁ ମୁଁ ପାକିସ୍ତାନକୁ ବାହାର କରିଦେଉଥିଲି ପ୍ରଥମ ନାମ ତାଙ୍କର ହେଉଥିଲା ଓ ପାକିସ୍ତାନ ବ୍ୟତିତ ବାହାରର ବାକି ଦେଶଗୁଡ଼ିକର ବିବରଣୀ ଦେଉଥିଲି । ତେଣୁ ପାକିସ୍ତାନ ବ୍ୟତିତ ସେ ଦ୍ୱିତୀ ନମ୍ବରରେ ରହିବା ସତ୍ୱେ ମଧ୍ୟ ୧୦ଟି ଦେଶର ବିବରଣୀ ଏବେ ବୟାନ କରିବି । ଜର୍ମାନୀ ପ୍ରଥମ, ପୁଣି ପାକିସ୍ତାନ ପରେ ଦ୍ୱିତୀୟ ହେଉଛି ବ୍ରିଟେନ୍, ପୁଣି ଆମେରିକା ପୁଣି କାନାଡ଼ା ପୁଣି ଭାରତ ପୁଣି ମିଡ଼ିଲ୍ ଇଷ୍ଟର ଗୋଟିଏ ଯମାତ୍ ପୁଣି ଇଣ୍ଡୋନେସିଆ ପୁଣି ଅଷ୍ଟ୍ରେଲିଆ, ପୁଣି ଘାନା ଏବଂ ପୁଣି ପୁନର୍ବାର ମିଡ଼ିଲ୍ ଇଷ୍ଟର ଗୋଟିଏ ଦେଶ ରହିଛି ।

ଅଲ୍ଲାଃ ତାଲାଙ୍କ କୃପାରୁ ପାକିସ୍ତାନର ପରିସ୍ଥିତି ଖରାପ ହେବା ସତ୍ୱେ ମଧ୍ୟ ଓ ମୋଟାମୋଟି ଭାବରେ ଦୁନିଆର ପ୍ରତ୍ୟେକ ସ୍ଥାନରେ ଆର୍ଥିକ ଅବସ୍ଥା ଯେହେତୁ ଖରାପ ହେଉଅଛି, ସ୍ଥାନିୟ କରେନ୍ସିରେ ଅଭିବୃଦ୍ଧି ଘଟିଛି ତେଣୁ ପ୍ରଥମ ତିନୋଟି ଅଧିକ ବଢ଼ାଇଥିବା ଦେଶଗୁଡ଼ିକ ମଧ୍ୟରୁ ଗୋଟିଏ ହେଉଛି ମିଡ଼ିଲ୍ ଇଷ୍ଟ ର ଗୋଟିଏ ଦେଶ ପୁଣି ଦୁଇ ନମ୍ବରରେ ଭାରତ ରହିଛି ଯେଉଁଠି ବୃଦ୍ଧି ଘଟିଛି ସେମାନେ ଯାହା ବଢ଼ାଇଛନ୍ତି ତାହା ମୁଣ୍ଡପିଛା ନୁହେଁ ବରଂ ପ୍ରତିଶତ ହିସାବରେ ବୃଦ୍ଧି କରିଛନ୍ତି । ପୁଣି କାନାଡ଼ା ପୁଣି ଜର୍ମାନୀ ପୁଣି ବ୍ରିଟେନ୍ ପୁଣି ଘାନା ପୁଣି ପାକିସ୍ତାନ, ଇଣ୍ଡୋନେସିଆ, ଆମେରିକା ଓ ଅଷ୍ଟ୍ରେଲିଆ ।

ମୁଣ୍ଡପିଛା ଚାନ୍ଦା ପଇଠ କରିଥିବା ଦୃଷ୍ଟିକୋଣରୁ ପ୍ରଥମ ତିନୋଟି ଦେଶ ହେଉଛି ଏପରି: ସୁଇଜରଲ୍ୟାଣ୍ଡ ପ୍ରଥମ ପୁଣି ଆମେରିକା ପୁଣି ସିଙ୍ଗାପୁର୍ ଏବଂ ଚତୁର୍ଥ ନମ୍ବରରେ

ବ୍ରିଟେନ ରହିଛି ଓ ପାଂଚ ନମ୍ବରରେ ସ୍ୱିଡ଼େନ୍ ତା'ପରେ ଆଉ କିଛି ଦେଶ ।

ଆଫ୍ରିକା ଦେଶଗୁଡ଼ିକରେ ମୋଟାମୋଟି ଅସୁଲ୍ କରିବା ଦୃଷ୍ଟିକୋଣରୁ ଯେଉଁ ଯମାତ୍‌ଗୁଡ଼ିକ ଆଗରେ ଅଛନ୍ତି ସେମାନଙ୍କ ମଧ୍ୟରେ ପ୍ରଥମରେ ଅଛି ଘାନା, ପୁଣି ନାଇଜେରିଆ, ପୁଣି ବୁର୍‌କିନା ଫାସୋ, ପୁଣି ତଞ୍ଜାନିଆ, ପୁଣି ଗାମ୍ବିୟା, ପୁଣି ବେନିନ୍ ।

ବିଗତ କିଛି ବର୍ଷ ହେବ ଚାନ୍ଦା ଦେବାରେ ଲୋକମାନଙ୍କୁ ଅଧିକା ପ୍ରତି ଧ୍ୟାନ ଦିଆଯାଉଥିଲା ମୁଁ ଏକଥା କହିଥିଲି ଯେ, ଆହୁରି ଅଧିକ ଲୋକମାନଙ୍କର ସଂଖ୍ୟା ବଢ଼ାନ୍ତୁ ଏବଂ ଏହି ଉଦ୍ଦେଶ୍ୟ ପାଇଁ ଯମାତ୍ ଗୁଡ଼ିକୁ ଅର୍ଥଠାରୁ ଅଧିକା ଲୋକମାନଙ୍କୁ ସମିଲ କରିବା ପାଇଁ ଲକ୍ଷ୍ୟ ଦିଆଯାଉଥିଲା ଏବଂ ଅଲ୍ଲାଃ ତାଲାଙ୍କ କୃପାରୁ ଏପର୍ଯ୍ୟନ୍ତ ଏବର୍ଷ ସାମିଲ ହୋଇଥିବା ଲୋକମାନଙ୍କର ଯେଉଁ ସଂଖ୍ୟା ରହିଛି ତାହା ହେଉଛି ୧୮ ଲକ୍ଷ ୨୭ ହଜାରରୁ କିଛି ଉପରକୁ । ୧ ଲକ୍ଷ ୧୨ ହଜାର ଚାନ୍ଦାର ନିଜାମ୍‌ରେ ନୂଆ ସାମିଲ ହୋଇଛନ୍ତି । ସାମିଲ ହୋଇଥିବା ଲୋକମାନଙ୍କ ମଧ୍ୟରେ ବିଗତ ବର୍ଷ ତୁଳନାରେ ଅଧିକ ହୋଇଥିବା ଚର୍ଚ୍ଚା ଯୋଗ୍ୟ ଦେଶଗୁଡ଼ିକ ମଧ୍ୟରୁ ଆଫ୍ରିକୀୟ ଦେଶଗୁଡ଼ିକର ନାଇଜେରିଆ, ସିରିଆଲିଓନ୍, ନାଇଜର୍ ଏବଂ କାମେରୁନ୍ ପୁଣି ବେନିନ୍ ପୁଣି ସିନିଗାଲ୍, ଗିନିବସାଓ, ଆଇଭେରିକୋଷ୍ଟ, ତଞ୍ଜାନିଆ ଏବଂ ଗିନିକନାକରି । ବଡ଼ ଯମାତ୍‌ଗୁଡ଼ିକ ମଧ୍ୟରୁ ବଙ୍ଗଳାଦେଶ, କାନାଡ଼ା, ମାଲେସିଆ, ଭାରତ, ଇଣ୍ଡୋନେସିଆ, ଜର୍ମାନୀ, ବ୍ରିଟେନ୍, ଆମେରିକା ଏବଂ ଅଷ୍ଟ୍ରେଲିଆ ।

ଦଫ୍‌ତର ଅୱ୍‌ୱଲ୍ ର ଯେଉଁ ଖାତା ରହିଛି ସେଥିରେ ମର୍କଜି ରେକର୍ଡ଼ ଅନୁସାରେ ୫ ହଜାର ୯ଶହ ୮୭ ରହିଛି । ୩୬ ଜଣ ସଦସ୍ୟ ଯେଉଁମାନେ ଏବେ ଅଲ୍ଲାଃ ତାଲାଙ୍କ କୃପାରୁ ଜୀବିତ ଅଛନ୍ତି ସେମାନେ ସ୍ୱୟମଂ ନିଜର ଚାନ୍ଦା ପ୍ରଦାନ କରୁଛନ୍ତି । ବାକି ଲୋକମାନଙ୍କ ମୃତ ବ୍ୟକ୍ତିମାନଙ୍କର ଖାତାରେ ସେମାନଙ୍କର ଉତରାଧିକାରୀମାନେ ଏବଂ ଯମାତ୍‌ର ନିଷ୍ଠାବାନ୍ ଲୋକମାନେ ଜାରି କରିଛନ୍ତି ।

ଜର୍ମାନୀ ଯେହେତୁ ପ୍ରଥମ ପୋଜିସନ୍‌ରେ ରହିଛି ତା'ର ପ୍ରଥମ ୧୦ଟି ଯମାତ୍‌ଗୁଡ଼ିକ ହେଉଛି ଏପରି: Rodermark, Neuss, Pinneberg, Mehdi-abad, Nieda, Osnbruck, Kiel, Florsheim, Weingarten, Koln, Hamburg, Frankfurt, Gross Gerau, Morfelden, Dietzenbach, Wiesbaden, Riedstadt, Damrstadt, Mannheim, Russelsheim.

ପାକିସ୍ତାନରେ ତହ୍‌ରିକ୍ ଯଦିଦ୍ କୁର୍ବାନୀର ଉସୁଲ୍ ଦୃଷ୍ଟିକୋଣରୁ ପ୍ରଥମ ନମ୍ବରରେ ଲାହୋର୍, ପୁଣି ଦ୍ୱିତୀୟରେ ରବ୍‌ୱା , ତୃତୀୟରେ କରାଚୀ ଏବଂ ଜିଲ୍ଲା ସ୍ତରରେ ଯେଉଁ ଦଶଟି ଜିଲ୍ଲା ଅଛନ୍ତି ସେଥିମଧ୍ୟରୁ, ଇସଲାମାବାଦ ଏକ ନମ୍ବରରେ, ପୁଣି ସିଆଲ୍‌କୋଟ୍, ଫଇସଲାବାଦ୍, ଗୁଜୁରାୱାଲା, ଉମରକୋଟ୍, ହାଇଦରାବାଦ୍, ମିର୍‌ପୁର୍‌ଖାସ୍, କସୁର୍, ଟୋବାଟେକ୍‌ସିଙ୍ଘ ଏବଂ ମିର୍‌ପୁର ଆଜାଦ୍ କଶ୍ମୀର ଏବଂ ୱ୍ସିଲି ଦୃଷ୍ଟିକୋଣରୁ ଅଧିକା କୁର୍ବାନୀ କରିଥିବା ପାକିସ୍ତାନର ସହରୀ ଯମାତ୍‌ଗୁଡ଼ିକ ମଧ୍ୟରେ ଇମାରତ୍ ଡ଼ିଫେନ୍ସ ଲାହୋର୍, ଇମାରତ୍ ଟାଉନ୍‌ଶିପ୍ ଲାହୋର୍, ଇମାରତ୍ କେଂଟ୍ ରାଉଲପିଣ୍ଡି, ଇମାରତ୍ ସହର ରାଉଲପିଣ୍ଡି, ପୁଣି ମୁଲ୍‌ତାନ୍, ପୁଣି ଇମାରତ୍ ଅଜିଜାବାଦ୍ କରାଚୀ, ଇମାରତ୍ ଦେହ୍‌ଲିଗେଟ୍ ଲାହୋର୍, ପୂଣି କୋଏଟା, ପୁଣି ପେସାୱ୍‌ର୍ ଏବଂ ବାହାବାଲ୍ ନଗର ରହିଛନ୍ତି ।

ପାକିସ୍ତାନର ଯେଉଁ ଛୋଟ ଛୋଟ ଯମାତ୍ ରହିଛି ସେମାନଙ୍କ ମଧ୍ୟରୁ ୫ଟି ଏପରି: ୱାହ୍‌କେଂଟ, ସାବୁନ୍‌ଦସ୍ତି, ଖୋକରଗର୍ବି, ଚକ୍‌ନୌପିନାର୍ ଏବଂ ଚୁଣ୍ଡାଃ ।

ବ୍ରିଟେନ୍‌ର ପ୍ରଥମ ପାଂଚଟି ରିଜିଅନ୍ ମଧ୍ୟରୁ ପ୍ରଥମ ହେଉଛି ବଇତୁଲ୍ ଫତୁହ୍ ରିଜିଓନ୍, ମସ୍‌ଜିଦ୍ ଫଜଲ୍ ରିଜିଅନ୍, ମିଡ଼ିଲ୍ୟାଣ୍ଡ ରିଜିଅନ୍, ବଇତୁଲ୍ ଏହ୍‌ସାନ ରିଜିଅନ୍ ଏବଂ ଇସଲାମାବାଦ ରିଜିଅନ୍ ମୋଟାମୋଟି ପଇଠ କରିଥିବା ଦୃଷ୍ଟିରୁ ବ୍ରିଟେନ୍‌ର ୧୦ଟି ବଡ଼ ଯମାତ୍ ମଧ୍ୟରେ ମସଜିଦ୍ ଫଜଲ୍ ଏକ ନମ୍ବରରେ, ୱ୍ସ୍ଟରପାର୍କ, ଇସଲାମାବାଦ୍, ଆଡ଼୍ଲଟରଶାଟ୍, ପିଟିନି, ନ୍ୟୁମୋଲ୍‌ଡ଼ନ୍, ଜଲ୍‌ଙ୍ଗହମ୍, ବ୍ରିମିଙ୍ଗହମ୍ ୱେଷ୍ଟ, ଗ୍ଲାସ୍‌ଗୋ ଏବଂ ସ୍କେନ୍‌ଥାରିପ୍ । ଛୋଟ ଯମାତ୍‌ଗୁଡ଼ିକ ମଧ୍ୟରେ ପ୍ରଥମ ନମ୍ବରରେ ସ୍ୱାନେଜି, ସ୍କେନ୍‌ଭ୍ୟାଲି, କୈଥିଲେ, ନର୍ଥ ୱେଲ୍‌ସ ଏବଂ ନର୍ଥ ହାମିଟ୍‌ଟନ୍ ।

ଆମେରିକାରେ ଯେଉଁ ଯମାତ୍‌ଗୁଡ଼ିକ ଅଛନ୍ତି ସେମାନଙ୍କ ମଧ୍ୟରେ ଉସୁଲ୍ କରିବା ଦୃଷ୍ଟିକୋଣରୁ ଏକନମ୍ବରରେ ସିଲ୍‌ଭର ସ୍ପ୍ରିଙ୍ଗ, ଲସ୍ ଏଞ୍ଜଲ୍‌ସ, ସିଲିକନ୍ ଭ୍ୟାଲି, ସିଆଟଲ୍, ସେଂଟ୍ରାଲ୍ ଭର୍ଜିନିଆ, ଡେଟ୍ରାଇଟ୍, ଚିକାଗୋ, ଓସ୍‌କୋଶ୍, ହ୍ୟୁଷ୍ଟନ୍, ଜର୍ଜିୟା ଏବଂ ସାଉଥ ଭର୍ଜିନିଆ ।

କାନାଡ଼ର ଉସୁଲି ଅନୁସାରେ ସ୍ଥାନୀୟ ଇମାରତ୍ ଗୁଡ଼ିକ ମଧ୍ୟରେ ପ୍ରଥମ ସ୍ଥାନରେ ୱାନ୍, କେଲ୍‌ଗେରି, ପିସ୍‌ଭିଲେଜ୍, ୱାଙ୍କଓଭୋର୍, ମିସେସ୍‌ସାଗା, ସିସ୍କାଟୁନ୍ । ଛୋଟଛୋଟ ଯମାତ୍‌ଗୁଡ଼ିକ ମଧ୍ୟରୁ ୫ଟି ହେଉଛି ଏପରି: ଏଡମଂଟନ୍ ୱେଷ୍ଟ ପ୍ରଥମ ସ୍ଥାନ, ଦୀରହମ୍, ବ୍ରାଡ଼ଫୋର୍ଡ଼, ହ୍ୟାମିଲ୍‌ଟନ୍, ଅଟ୍‌ୱା ୱେଷ୍ଟ ।

ଭାରତ ର କୁର୍ବାନୀ କରିଥିବା ଦୃଷ୍ଟିରୁ ପ୍ରଥମ ୧୦ଟି ଯମାତ୍ ହେଉଛି ଏପରି: କରୋଲାଇ ପ୍ରଥମ ସ୍ଥାନରେ, କାଦିଆନ୍, ପିଥାପିରମ୍, ହାଇଦ୍ରାବାଦ୍, କୋଏମ୍ବଟୁର୍, ପେଙ୍ଗାଡି, ବାଙ୍ଗାଲୋର୍, କାଲିକଟ୍, କୋଲ୍‌କାତା ଏବଂ ୟାଦଗିର ।

ପୁଣି ୧୦ଟି ପ୍ରଦେଶ ମଧ୍ୟରୁ ଏକ ନମ୍ବରରେ କେରଳ, କର୍ଣ୍ଣାଟକ, ତାମିଲନାଡୁ, ତେଲେଙ୍ଗାନା, ଜାମ୍ମୁକାଶ୍ମୀର୍, ଓଡ଼ିଶା, ପଞ୍ଜାବ, ବଙ୍ଗାଳ, ଦିଲ୍ଲୀ ଏବଂ ଉତରପ୍ରଦେଶ । କାଶ୍ମୀରରେ ମଧ୍ୟ ରାଜନୈତିକ ଅବ୍ୟବସ୍ଥା ଲାଗିରହିଛି ଆର୍ଥିକ ଦୃଷ୍ଟିକୋଣରୁ ସେମାନଙ୍କର ବହୁତ ଖରାପ ପରିସ୍ଥିତି ହୋଇଯାଇଛି । ଏଠାରେ ମଧ୍ୟ କୁର୍ବାନୀ କରିଥିବା ବଡ଼ବଡ଼ ଯମାତ୍ ଅଛନ୍ତି ।

ମୋଟାମୋଟି ଉସୁଲି ଦୃଷ୍ଟିକୋଣୁ ଅଷ୍ଟ୍ରେଲିଆର ୧୦ ଟି ଯମାତ୍ ହେଉଛି ଏପରି: ଏକ ନମ୍ବରରେ କ୍ୟାସିଲ୍‌ହିଲ୍, ମେଲ୍‌ବର୍ନବେରୱିକ୍, ମେଲ୍‌ବର୍ନଲଙ୍ଗୱାରେନ୍, ACT କାମ୍ବେରା, ମାଷ୍ଟଡ଼ନପାର୍କ, ଏଡ଼ିଲେଡ଼୍ ସାଉଥ୍, ପ୍ୟାନ୍‌ରଥ୍, ମାଉଣ୍ଟଡ୍ରୁଇଟ୍, ପେରାମାଟା ଏବଂ ଏଡ଼ିଲେଡ଼୍‌ୱେଷ୍ଟ ।

ଅଲ୍ଲାଃ ତାଲା ଏହି ସମସ୍ତ କୁର୍ବାନୀ କରିଥିବା ଯମାତ୍ ଓ ଲୋକମାନଙ୍କ ଧନଜନରେ ଅସରନ୍ତି ବର୍‌କତ୍ ପ୍ରଦାନ କରନ୍ତୁ ।

⌘⌘⌘ ⌘⌘⌘ ⌘⌘⌘

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ତୁମମାନଙ୍କର ଆଦର୍ଶ ହେଉଛନ୍ତି ସେହି ଲୋକମାନେ ଯାହାଙ୍କ ଉଦ୍ଦେଶ୍ୟରେ ଅଲ୍ଲାଃ ତାଲା କହିଛନ୍ତି ଯେ, କୌଣସି ବେପାର ବଣିଜ ଓ କିଣାବିକା ତାଙ୍କୁ ଜିକ୍‌ରୁଲ୍ଲାଃ (ଅର୍ଥାତ୍ ଅଲ୍ଲାଃଙ୍କ ସ୍ତୁତିଗାନ କରିବା)ରୁ ରୋକେ ନାହିଁ ।''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୪୦୭)*

ତାଲିବେ ଦୁଆ: *Mufleh-u-ddin Khan, Jamat Ahmadiyya, Kerang (Odisha)*

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ଯେ ପର୍ଯ୍ୟନ୍ତ ଆପୋଷରେ ତୁମର ମାମଲା ସଫା ନ ରହିଛି ସେ ପର୍ଯ୍ୟନ୍ତ ଖୁଦାତାଲାଙ୍କ ସହିତ ମଧ୍ୟ ମାମଲା ସଫା ହୋଇପାରିବ ନାହିଁ''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୪୦୭)*

ତାଲିବେ ଦୁଆ: *Faiza Noor, D/o- Dr. Manzoor Hussain Sb, Jamat Ahmadiyya, Kerang (Odisha)*

**ହଦିସ୍ ନବୱି ସ:ଆ:ସ**

''ନମାଜ ପରିତ୍ୟାଗ କରିବା ମନୁଷ୍ୟକୁ ଶିର୍କ ଏବଂ କୁଫର୍ (ଅର୍ଥାତ୍ ଅନ୍ୟ କାହାକୁ ଅଲ୍ଲାଃଙ୍କ ସମକକ୍ଷ କରିବା ଓ ଅମାନ୍ୟକାରୀ)ର ନିକଟତର କରିଦିଏ''

*(ମୁସ୍‌ଲିମ୍, କିତାବୁଲ୍ ଇମାନ୍)*

ତାଲିବେ ଦୁଆ: *Majlis Lajna Imaillah, Jamat Ahmadiyya, Kerang (Odisha)*

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

''ଆମ ଇବାଦତ୍ ଅର୍ଥାତ୍ ଉପାସନାରେ ଉନ୍ନତି ହିଁ ଆମକୁ ସଫଳତା ପ୍ରଦାନ କରିବ । ସୁତରାଂ ଏହା ବହୁତ ଗୁରୁତ୍ୱପୂର୍ଣ୍ଣ ବିଷୟ । ସମସ୍ତ ନିଜାମ୍ ଅର୍ଥାତ୍ ବ୍ୟବସ୍ଥାକୁ ଏ ବିଷୟରେ ବହୁତ ଗମ୍ଭୀର ହେବାର ଆବଶ୍ୟକତା ରହିଛି ।''

*(ଖୁତ୍‌ବା ଯୁମାଃ: ପ୍ରଦତ ୨୭ ଜାନୁୟାରୀ ୨୦୧୭)*

ତାଲିବେ ଦୁଆ: *Hawa Bibi & Family, Jamat Ahmadiyya, Kerang (Odisha)*

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

''ଆମର ସମସ୍ତ ୱ୍ହଦାଦାର୍ ଯେକୌଣସି ସ୍ତରର ୱ୍ହଦାଦାର୍ ହୁଅନ୍ତୁ ନା କାହିଁକି, ସେମାନେ ନିଜର ନମୁନା କାଏମ୍ କରନ୍ତୁ । ସଲାମ କରିବାରେ ଆଗୁଆ ହୁଅନ୍ତୁ । ଏହା ଜରୁରୀ ନୁହେଁ ଯେ ଅପେକ୍ଷା କରନ୍ତୁ କି ଛୋଟ ବା ଅଧିନସ୍ତ ମତେ ସଲାମ୍ କରୁ ।''

*(ଖୁତ୍‌ବା ଯୁମାଃ ପ୍ରଦତ ୬ ଜାନୁୟାରୀ ୨୦୧୫)*

ତାଲିବେ ଦୁଆ: *Majlis Lajna Imaillah, Jamat Ahmadiyya, Pankal (Odisha)*

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

‘‘ଆମେ ଅହେମଦୀମାନେ ହିଁ ସଂସାରବାସୀଙ୍କୁ ଇସ୍‌ଲାମ୍‌ର ସୁନ୍ଦର ଶିକ୍ଷା ସମ୍ବନ୍ଧରେ ଅବଗତ କରାଇବାକୁ ହେବ ଏବଂ ଏଥିପାଇଁ ସବୁଠାରୁ ଜରୁରୀ କଥା ହେଉଛି ଏହା କି ଆମକୁ ଅଲ୍ଲାଃ ତାଲାଙ୍କ ସହିତ ସମ୍ପର୍କ ସୃଷ୍ଟି କରିବାକୁ ହେବ । ’’

*(ଖୁତ୍‌ବା ଜୁମା ପ୍ରଦତ ୩ ଫେବୃୟାରୀ୨୦୧୭)*

ତାଲିବେ ଦୁଆ: *Sajid Khan S/o Sultan Ahemad & Family, Jamat Ahmadiyya, Madhuban Paradip (Odisha)*

## ମୋହରିର୍ (କିରାଣୀ) ରୂପେ ସେବା କରିବା ନିମନ୍ତେ ଇଚ୍ଛୁକ ପ୍ରାର୍ଥୀମାନେ ଧ୍ୟାନ ଦିଅନ୍ତୁ !

ସଦର ଅଞ୍ଜୁମନ ଅହେମଦୀୟା କାଦିଆନ୍‌ରେ କିରାଣୀ ରୂପେ ସେବା କରିବା ପାଇଁ ଇଚ୍ଛୁକ ଲୋକମାନଙ୍କ ଏତଲା ନିମନ୍ତେ ଘୋଷଣା କରାଯାଉଛି ଯେ: (୧) ପ୍ରାର୍ଥୀଙ୍କ ବୟସ ୨୫ ବର୍ଷରୁ କମ୍ ହେବା ଆବଶ୍ୟକ ଏବଂ ପ୍ରାର୍ଥୀଙ୍କର ଶିକ୍ଷାଗତ ଯୋଗ୍ୟତା ଅତିକମ୍‌ରେ ୧୦, +୨, ସେକେଣ୍ଡ ଡ଼ିଭିଜନ ହୋଇଥିବ ଅଥବା ୪୫% ନମ୍ବର ହାସଲ କରିଥିବେ । ଏହାଠାରୁ ଅଧିକା ଶିକ୍ଷା ଗ୍ରହଣ କରିଥିବା କ୍ଷେତ୍ରରେ ମଧ ଅତିକମ୍‌ରେ ସେକେଣ୍ଡେ ଡ଼ିଭିଜନ ବା ତା’ଠାରୁ ଅଧିକା ନମ୍ବର ରଖିଥିବେ । (୨) ଜାମିଆ ଅହେମଦୀୟା କାଦିଆନ୍‌ର ଶିକ୍ଷାର୍ଥୀ ଯେଉଁମାନେ ମେଟ୍ରିକ ପାଶ କରିବା ପରେ ଜାମିଆ ଅହେମଦୀୟାରେ ଅତିକମ୍‌ରେ ଦୁଇ ବର୍ଷ ଶିକ୍ଷା ଗ୍ରହଣ କରି ପରୀକ୍ଷାରେ ଉତୀର୍ଣ୍ଣ ହୋଇଥିବେ ସେମାନେ ମୁକରମ୍ ପ୍ରିନ୍‌ସପାଲ୍ ସାହେବ ଜାମିଆ ଅହେମଦୀୟାଙ୍କ ତସ୍‌ଦିଗ୍ ଏବଂ ସୁପାରିଷ କରିବା ପରେ ନିୟମିତ ଦ୍ୱିତୀୟ ଶ୍ରେଣୀ କର୍ମଚାରୀ ନିମନ୍ତେ ଥିବା ପରୀକ୍ଷାରେ ସାମିଲ ହୋଇପାରିବେ ।

ପ୍ରାର୍ଥୀ ସୁନ୍ଦର ଲେଖିପାରୁଥିବେ ଏବଂ ଉର୍ଦ୍ଦୁ Inpage କମ୍ପୋଜିଙ୍ଗ ଜାଣିଥିବେ ଏବଂ ଟାଇପ୍‌ର ଗତି ଅତିକମ୍‌ରେ ମିନିଟ୍ ପିଛା ୨୫ ଟି ଶବ୍ଦ ହୋଇଥିବା ଉଚିତ । (୪) କେବଳ ସେହି ପ୍ରାର୍ଥୀ ସେବା କରିବାପାଇଁ ଯୋଗ୍ୟ ବିବେଚିତ ହେବେ ଯେଉଁମାନେ ସଦର ଅଞ୍ଜୁମନ୍‌ଙ୍କ ତରଫରୁ କିରାଣୀମାନଙ୍କ ନିମନ୍ତେ ନିଆଯାଇଥିବା ପରୀକ୍ଷା ଓ ଇଂଟରଭ୍ୟୁରେ ପାଶ୍ ହେବେ । (୫) ଯେଉଁ ବନ୍ଧୁ ସଦର ଅଞ୍ଜୁମନ୍ ଅହେମଦୀୟାରେ କିରାଣୀ ରୂପେ ସେବା କରିବା ପାଇଁ ଇଚ୍ଛୁକ ଓ ଉପରୋକ୍ତ ସର୍ତାବଳୀକୁ ପୂରଣ କରୁଥିବେ ସେମାନେ ଦରଖାସ୍ତ ଦେଇପାରିବେ । ଦରଖାସ୍ତ ଫର୍ମ ନିଜାରତେ ଦିୱାନ୍ ସଦର ଅଞ୍ଜୁମନ୍ ଅହେମଦୀୟା କାଦିୟାନଙ୍କ ନିକଟୁ ମଗାଇ ନିଅନ୍ତୁ । ନିଜର ଦରଖାସ୍ତକୁ ନିର୍ଦ୍ଧାରିତ ଫର୍ମକୁ ପୂରଣ କରି ନିଜାରତେ ଦିୱାନ୍‌ଙ୍କୁ ପଠାଇ ଦିଅନ୍ତୁ । ଦରଖାସ୍ତ ଫର୍ମ ମିଳିବାପରେ ପରୀକ୍ଷା ଅନୁଷ୍ଠିତ କରାଯିବ । ଏହି ଘୋଷଣାର ଦୁଇମାସ ଭିତରେ ଯେଉଁ ଦରଖାସ୍ତ ମିଳିବ ତାହା ବିଚାରକୁ ନିଆଯିବ । (୬) ଦ୍ୱିତୀୟ ଶ୍ରେଣୀ କର୍ମଚାରୀମାନଙ୍କ ନିମନ୍ତେ ଥିବା ପାଠ୍ୟସୂଚୀ ପରୀକ୍ଷା କମିଶନ୍‌ର ପ୍ରତ୍ୟେକ ବିଭାଗରେ ସଫଳ ହେବା ଜରୁରୀ ଅଟେ । ଯାହା ନିମ୍ନରେ ଦିଆଗଲା ।
* ପବିତ୍ର କୋରାନ୍ ନାଜେରା ସମ୍ପୂର୍ଣ୍ଣ, ପ୍ରଥମ ପାରା ଅନୁବାଦ ସହିତ * ଚାଲିସ୍ ଜୱାହିର୍ ପାରେ, ଅର୍‌କାନେ ଇସ୍‌ଲାମ୍, ନମାଜ୍ ସମ୍ପୁର୍ଣ୍ଣ ଅନୁବାଦ ସହିତ * କଶ୍‌ତି ନୁହ୍, ବରକାତୁଦ୍ ଦୁଆ. ଦିନି ମାଲୁମାତ୍ * ଅକାଇଦେ ଯମାତ୍ ଅହେମଦୀୟା * ଦୁର୍‌ରେ ସମିମ୍ ରୁ ନଜମ୍ (ଶାନେ ଇସ୍‌ଲାମ୍) * ଇଂରାଜୀ ୧୦+୨ ସ୍ତର ମୁତାବକ * ଗଣିତ ମେଟ୍ରିକ ସ୍ତରର, ସାଧାରଣ ଜ୍ଞାନ (୭) ଲିଖିତ ପରୀକ୍ଷାରେ ସଫଳ ହୋଇଥିବା ପ୍ରାର୍ଥୀଙ୍କର ଇଂଟରଭ୍ୟୁ ହେବ । ସେବାକରିବା ନିମନ୍ତେ ଇଂଟରଭ୍ୟୁରେ ସଫଳ ହେବା ଜରୁରୀ । (୮) ଲିଖିତ ପରିକ୍ଷା ଏବଂ ଇଂଟରଭ୍ୟୁ ଦୁଇଟି ଯାକରେ ସଫଳ ହେବା କ୍ଷେତ୍ରରେ ପ୍ରାର୍ଥୀଙ୍କୁ ନୂର୍ ହସ୍ପିଟାଲ୍ କାଦିୟାନ୍‌ରେ ସ୍ୱାସ୍ଥ୍ୟ ଯାଚଂ କରାଇବାକୁ ହେବ ଏବଂ କେବଳ ସେହି ପ୍ରାର୍ଥୀ ସେବା କରିବାର ଯୋଗ୍ୟ ବିବେଚିତ ହେବେ ଯେଉଁମାନେ ନୂର୍ ହସ୍ପିଟାଲ୍‌ର ସ୍ୱାସ୍ଥ୍ୟ ବୋର୍ଡ଼ର ରିପୋର୍ଟ ମୁତାବକ ସ୍ୱାସ୍ଥ୍ୟବାନ ଘୋଷିତ ହେବେ । (୯) ଯଦି କୌଣସି ପ୍ରାର୍ଥୀଙ୍କୁ ଯମାତ୍‌ର କୌଣସି ପୋଷ୍ଟରେ ଚୟନ କରାଯାଏ ତେବେ ଏ କ୍ଷେତ୍ରରେ ତାଙ୍କୁ କାଦିୟାନ୍‌ରେ ରହିବାର ବ୍ୟବସ୍ଥା ନିଜକୁ କରିବାକୁ ହେବ । (୧୦) କାଦିୟାନ୍ ଆସିବାର ଯାତାୟାତ ଖର୍ଚ୍ଚ ପ୍ରାର୍ଥୀ ନିଜେ ବହନ କରିବେ ।

**(ନାଜର ଦିୱାନ୍ ସଦର୍ ଅଞ୍ଜୁମନ୍ ଅହେମଦୀୟା କାଦିୟାନ୍)**

**ଅଧିକ ଜାଣିବାପାଇଁ ଯୋଗାଯୋଗ କରିପାରିବେ**

**ମୋବାଇଲ୍-୯୮୭୭୧୩୮୩୪୭, ୯୬୪୬୩୫୧୨୮୦**

**ଅଫିସ୍ ଫୋନ୍- ୦୧୮୭୨୫୦୧୧୩୦**

Email: diwan@qadian.in

## ଓଡ଼ିଆ ବଦର୍‌ରେ ଡ଼ିଟିପି କାର୍ଯ୍ୟ ସମ୍ପାଦନ କରିବା ନିମନ୍ତେ ସ୍ୱେଚ୍ଛାସେବୀ କମ୍ପୋଜରଙ୍କ ଆବଶ୍ୟକ

ଓଡ଼ିଆ ବଦର୍ ନିମନ୍ତେ ଡ଼ିଟିପି କାର୍ଯ୍ୟ ସମ୍ପାଦନ କରିବା ପାଇଁ ସ୍ୱେଚ୍ଛାସେବୀ କମ୍ପୋଜର ଆବଶ୍ୟକ ହେଉଛି ତେଣୁ ଏହି ସେବା କାର୍ଯ୍ୟ କରିବା ପାଇଁ ଇଚ୍ଛୁକ ପ୍ରାର୍ଥୀ/ ପ୍ରାର୍ଥିନୀ ନିମ୍ନଲିଖିତ ଠିକଣାରେ ଯୋଗାଯୋଗ କରିପାରିବେ ।

Manager WeeklyBadar Qadian
Ph No: +911872 224757
Mob No: +919417020616
Email: managerbadarqnd@gmail.com
Naib Editor Odia Badar
Mob: 9437128786

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

ମସ୍‌ଜିଦ୍ ନିର୍ମାଣ କରିବାର ଯେଉଁ ଉଦ୍ଦେଶ୍ୟ ରହିଛି ତାକୁ ପୂରଣ କରିବାକୁ ହେବ । ତେବେ ଯାଇ ଅଲ୍ଲାଃତାଲାଙ୍କ ପୁରସ୍କାର ମିଳିବ

*(ଖୁତ୍‌ବା ଜୁମା ପ୍ରଦତ ୧୭ ମଇ ୨୦୧୯)*

ତାଲିବେ ଦୁଆ: *Amiruddin Khan & Family, Halka Darul Fazal Jamat Ahmadiyya, Kerang, Khordha (Odisha)*

## ଜଲ୍‌ସାସାଲାନାର ଗୁରୁତ୍ୱ ଏବଂ ବର୍‌କାତ୍

**‘‘ପ୍ରତ୍ୟେକ ବ୍ୟକ୍ତି ଯିଏ ଏହି ଐଶ୍ୱରିକ ଜଲ୍‌ସା ନିମନ୍ତେ ଯାତ୍ରା କରିବ ଖୁଦାତାଲା ତାଙ୍କ ସହିତ ରହନ୍ତୁ ଏବଂ ତାଙ୍କୁ ମହାନ୍ ପ୍ରତିଫଳ ପ୍ରଦାନ କରନ୍ତୁ ଏବଂ ସେମାନଙ୍କ ଉପରେ ଦୟା କରନ୍ତୁ, ସେମାନଙ୍କ ଦୁଃଖ କଷ୍ଟ ଓ ଅସୁବିଧାକୁ ତାଙ୍କ ପାଇଁ ସହଜ କରିଦିଅନ୍ତୁ । ତାଙ୍କର ଦୁଃଖ ଓ ବିଷାଦକୁ ଦୂର କରି ଦିଅନ୍ତୁ ।**

ସୟଦ୍‌ନା ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହୁଛନ୍ତି:-
‘‘ଜରୁରୀ ଅଟେ ଯେ ଏହି ଜଲ୍‌ସା, ଯାହା ଅନେକ ବୈଭକୁ ସାଥିରେ ଧରି ରଖିଛି , ତେଣୁ ପ୍ରତ୍ୟେକ ଏପରି ବ୍ୟକ୍ତି ନିଶ୍ଚିତ ରୂପେ ଏଥିରେ ଯୋଗଦେଉ ଯିଏ ରାସ୍ତାଖର୍ଚ୍ଚ ବହନ କରିବାର ସାମର୍ଥ୍ୟ ରଖିଛି ଏବଂ ନିଜ ଶୋଇବା ପାଇଁ ଶୀତ ବସ୍ତ୍ର ଓ କମଳ ଇତ୍ୟାଦି ଆବଶ୍ୟକ ଅନୁସାରେ ସାଥିରେ ଆଣୁ । ଅଲ୍ଲାଃ ଏବଂ ତାହାଙ୍କ ରସୁଲ୍‌ଙ୍କ ମାର୍ଗରେ ଛୋଟିଆ ଛୋଟିଆ ପ୍ରତିରୋଧକୁ ପରବାୟ ନ କରୁ । ଖୁଦାତାଲା ନିଷ୍ଠାବାନ୍ ବ୍ୟକ୍ତିମାନଙ୍କୁ ପାଦେପାଦେ ପୁଣ୍ୟ ପ୍ରଦାନ କରିଥାନ୍ତି ଏବଂ ତାହାଙ୍କ ମାର୍ଗରେ କୌଣସି ପରିଶ୍ରମ ଓ କଷ୍ଟ ଉଠାଇବା ବ୍ୟର୍ଥ ଯାଏନାହିଁ । ଏବଂ ପୁନର୍ବାର ଲେଖାଯାଉଅଛି କି ଏହି ଜଲ୍‌ସାକୁ ସାଧାରଣ ମନୁଷ୍ୟଗତ ଜଲ୍‌ସା ଭଳି ବିବେଚନା କରନାହିଁ । ଏହା ହେଉଛି ସେହି କଥା ଯାହା କେବଳ ଅଲ୍ଲାଃତାଲାଙ୍କ ସାହାଯ୍ୟ ସହଯୋଗ ଏବଂ ଇସ୍‌ଲାମୀୟ କଲେମାର ଉନ୍ନତି ସାଧନ ଉପରେ ଆଧାରିତ । ଏହି ସମ୍ପ୍ରଦାୟର ମୁଳଦୁଆ ଖୁଦାତାଲା ତାଙ୍କ ନିଜ ହସ୍ତରେ ରଖିଛନ୍ତି । ଏଥିପାଇଁ କୌମ୍ (ବିଶେଷ ଜାତି) ପ୍ରସ୍ତୁତ କରିଛନ୍ତି । ଯେଉଁମାନେ ନିକଟ ଭବିଷ୍ୟତରେ ଆସି ଏହା ସହିତ ମିଶିବେ । କାରଣ ଏହା ହେଉଛି ସେହି ସର୍ବଶକ୍ତିମାନ୍ ଇଶ୍ୱରଙ୍କର କାର୍ଯ୍ୟ ଯାହାଙ୍କ ସମ୍ମୁଖରେ କୌଣସି କଥା ଅସମ୍ଭବ ନୁହେଁ ।’’

ପୁଣି କହୁଛନ୍ତି:- ‘‘ପ୍ରତ୍ୟେକ ବ୍ୟକ୍ତି ଯିଏ ଏହି ଐଶ୍ୱରିକ ଜଲ୍‌ସା ନିମନ୍ତେ ଯାତ୍ରା କରିବ ଖୁଦାତାଲା ତାଙ୍କ ସହିତ ରହନ୍ତୁ ଏବଂ ତାଙ୍କୁ ମହାନ୍ ପ୍ରତିଫଳ ପ୍ରଦାନ କରନ୍ତୁ ଏବଂ ସେମାନଙ୍କ ଉପରେ ଦୟା କରନ୍ତୁ, ସେମାନଙ୍କ ଦୁଃଖ କଷ୍ଟ ଓ ଅସୁବିଧାକୁ ତାଙ୍କ ପାଇଁ ସହଜ କରିଦିଅନ୍ତୁ । ତାଙ୍କର ଦୁଃଖ ଓ ବିଷାଦକୁ ଦୂର କରି ଦିଅନ୍ତୁ ଏବଂ ସେମାନଙ୍କୁ ପ୍ରତ୍ୟେକ ପ୍ରକାରର କଷ୍ଟରୁ ମୁକ୍ତି ପ୍ରଦାନ କରନ୍ତୁ ଏବଂ ସେମାନଙ୍କ ଆଶା ଅଭିଳାଷାକୁ ପୂରଣ କରନ୍ତୁ । ପରୋକାଳରେ ସେହି ଭକ୍ତମାନଙ୍କ ସହିତ ତାଙ୍କୁ ଉଠାନ୍ତୁ ଯେଉଁମାନଙ୍କ ଉପରେ ତାହାଙ୍କ ଦୟା ଓ କୃପା ଅବତୀର୍ଣ୍ଣ ହୋଇଅଛି ଏବଂ ତାଙ୍କର ଯାତ୍ରା ଶେଷରେ ତାଙ୍କର ଖଲିଫା ତାଙ୍କର (ଉତରାଧିକାରୀ) ହୁଅନ୍ତୁ । ହେ ଖୁଦା ! ହେ ଜୁଲ୍‌ମଜଦ୍ ୱଲ ଅତା (ହେ ସମସ୍ତ ସମ୍ମାନର ଅଧିକାରୀ ଓ ପ୍ରଦାନକାରୀ) ଏବଂ ସଦା କରୁଣାମୟ ଓ ଦୁଃଖ ହରଣକାରୀ (ଖୁଦା) ଏହି ସମସ୍ତ ଦୁଆ (ପ୍ରାର୍ଥନା)କୁ ଗ୍ରହଣ କରନ୍ତୁ ଏବଂ ଆମକୁ ଆମ ବିରୋଧିମାନଙ୍କ ଉପରେ ଉଜ୍ଜଳ ନିଦର୍ଶନ ସହିତ ବିଜୟୀ କରାନ୍ତୁ ତୁମେ ହିଁ ହେଉଛ ସକଳ ଶକ୍ତି ଓ ସାମର୍ଥ୍ୟର ଅଧିକାରୀ । *ଆମିନ୍ ସୁମ୍ମା ଆମିନ୍ ।*

***(ମଜ୍‌ମୁଆ ଇସ୍ତେହାରାତ୍ ଖଣ୍ଡ-୧, ପୃଷ୍ଠା-୩୪୧, ୩୪୨, ଇସ୍ତେହାର୍ ୭/ଡିସେମ୍ବର୍ ୧୮୯୨)***

ପୃଷ୍ଠା- ୧୨ର ଅବଶିଷ୍ଟାଂଶ ......

ରହିବାର ବ୍ୟବସ୍ଥା କରାଯାଇଥିଲା ।

ଯେଉଁ କ୍ଷଣି ହଜୁର ଅନଓ୍ୱର ଅ:ବ:ଅ ଗାଡ଼ିରୁ ବାହାରକୁ ବାହାରିଲେ ସେଠାରେ ମୁକରମ୍ ଅବଦୁଲ୍ଲାଃ ଓ୍ୱାଗସ୍ ହାଉଜର୍ ସାହେବ୍ ଅମୀର ଯମାତ୍ ଜର୍ମାନୀ, ମୁକରମ୍ ହାଇଦର୍ ଅଲୀ ଜଫର୍ ସାହେବ ମୁବଲିଗ୍ ଇନଚାର୍ଜ ଜର୍ମାନୀ, ମୁକରମ୍ ଇଲିଆସ୍ ମଜୁକେ ସାହେବ୍ ନ୍ୟାସନାଲ ଜେନେରାଲ୍ ସେକ୍ରଟାରୀ ଜର୍ମାନୀ, ମୁକରମ୍ ଜରିଉଲ୍ଲାଃ ସାହେବ୍ ମୁବଲିଗ୍ ସିଲ୍‌ସିଲା, ନାଏବ୍ ଜେନେରାଲ୍ ସେକ୍ରେଟାରୀ ଜର୍ମାନୀ ଏବଂ ମୁକରମ୍ ସୟଦ୍ ହସନାତ୍ ଅହେମଦ୍ ସାହେବ୍ ସଦର ଖୁଦାମୁଲ୍ ଅହେମଦୀୟା ନିଜ ଖୁଦାମ୍ ସିକ୍ୟୁରିଟି ଟିମ୍ ମାନଙ୍କ ସହିତ ହଜୁର ଅନଓ୍ୱର ଅ:ବ:ଅଙ୍କୁ ସ୍ୱାଗତ ଜଣାଇଲେ । ଏବଂ କରମର୍ଦ୍ଦନ କରିବାର ସୌଭାଗ୍ୟ ପାଇଲେ ।

ଦିନ ୧:୪୦ ମିନିଟ୍‌ରେ ଏଠାରୁ ହଜୁର ଅନଓ୍ୱର ଅ:ବ:ଅ "ମସଜିଦ୍ ସାଦ୍ଦିକ ର ଭିତିପ୍ରସ୍ତର ରଖିବା ପାଇଁ ଗସ୍ତ କଲେ ।

ଗସ୍ତ କରିବା ପୂର୍ବରୁ ହଲାଣ୍ଡରୁ ଏପର୍ଯ୍ୟନ୍ତ ସାଥିରେ ଆସିଥିବା ସଦସ୍ୟମାନେ ମୁକରମ୍ ହିବତୁଲ୍ ନୂର ଫରହାଖନ୍ ସାହେବ ଅମିର ଯମାତ୍ ହଲାଣ୍ଡ, ମୁକରମ ଅବଦୁଲ୍ ହମିଦ୍ ଦରଫିଲ୍‌ଦମ୍ ସାହେବ ନାଏବ ଅମିର ଯମାତ୍ ହଲାଣ୍ଡ, ମୁକରମ୍ ନଇମ୍ ଅହେମଦ୍ ଓ୍ୱରାଏଚ୍ ସାହେବ ମୁବଲିଗ ଇନ୍‌ଚାର୍ଜ ହଲାଣ୍ଡ, ମୁକରମ୍ ସଫିର୍ ଅହେମଦ୍ ସିଦ୍ଦିକ୍ ସାହେବ ମୁବଲିଗ ହଲାଣ୍ଡ, ମୁକରମ୍ ମୁଜଫର୍ ହୁସେନ୍ ସାହେବ୍ ନ୍ୟାସନାଲ ଜେନେରାଲ୍ ସେକେଟ୍ରାରୀ, ମୁକରମ୍ ଜୁବୈର୍ ଅକମଲ୍ ସାହେବ୍ ନ୍ୟାସନାଲ ସେକ୍ରେଟାରୀ ତାଲିମୁଲ୍ କୁର୍‌ଆନ୍ ଓ୍ୱ ଓ୍ୱକଫେ ଆରଜି, ମୁକରମ୍ ମୁହମ୍ମଦ୍ ଲିଇକ୍ ଅହେମଦ୍ ଚୌଧୁରି ସାହେବ, ମୁକରମ୍ ଅତାଉଲ୍ କୟୁମ୍ ଆରିଫ ସାହେବ ସଦର ମଜଲିସ୍ ଖୁଦାମୁଲ୍ ଅହେମଦୀୟା ହଲାଣ୍ଡ ଏବଂ ମୁକରମ୍ ଜିଆଉଲ୍ କମର୍ ସିଦ୍ଦିକ୍ ସାହେବ ନାଏବ ସଦର ଖୁଦାମୁଲ୍ ଅହେମଦୀୟା ହଲାଣ୍ଡ ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ହାତ ମିଳାଇଲେ ଏବଂ ଭିତିପ୍ରସ୍ତର ସ୍ଥାପନ ଉତ୍ସବ ପରେ ସେଠାରୁ ଫେରିଯିବା ପାଇଁ ଅନୁମତି ଚାହିଲେ ।

ଦିନ ୧:୫୦ମିନିଟ୍‌ରେ ଯେତେବେଳେ ହଜୁର ଅନଓ୍ୱର ଅ:ବ:ଅଙ୍କ ଗାଡ଼ି ସେହି ଜମି ଖଣ୍ଡକ ଉପରେ ପହଂଚିଲା ସ୍ଥାନିୟ ଯମାତ୍‌ର ସଦସ୍ୟମାନେ ଅର୍ଥାତ ପୁରୁଷ, ସ୍ତ୍ରୀ ଏବଂ ପିଲାମାନେ ନିଜ ପ୍ରିୟ ଆକାଙ୍କ ଭବ୍ୟ ସ୍ୱାଗତ କଲେ । ସ୍ଥାନୀୟ ଯମାତ୍‌ର ସଦସ୍ୟଗଣ ଆଜି ସକାଳୁ ହିଁ ପ୍ରୀୟ ଆକାଙ୍କ ଅପେକ୍ଷାରେ ଥିଲେ । ଆଜି ତାଙ୍କ ପାଇଁ ଖୁସୀ ଓ ଆନନ୍ଦର ଦିନ ଥିଲା । ତାଙ୍କ ବସ୍ତିରେ ହଜୁର ଅନଓ୍ୱର ଅ:ବ:ଅଙ୍କ ପବିତ୍ର ପାଦ ପ୍ରଥମଥର ପାଇଁ ପଡୁଥିଲା । ପ୍ରତ୍ୟେକ ବ୍ୟକ୍ତି ଆନନ୍ଦରେ ବିଭୋର ଥିଲା । ଛୋଟଛୋଟ ପୁଅ ଓ ଝିଅମାନେ ଦଳ ଦଳ ହୋଇ ସ୍ୱାଗତ ସମ୍ବର୍ଦ୍ଧନା ସଂଗୀତ ପରିବେଷଣ କରୁଥିଲେ ।

ରିଜିଓନାଲ୍ ଅମୀର ଏବଂ ସଦର ଯମାତ୍ ମୁକରମ୍ ଇଶ୍‌ତିଆକ୍ ଅହେମଦ୍ ସାହେବ ଏବଂ ରିଜିଓନାଲ୍ ମୁବଲିଗ ସିଲ୍‌ସିଲା ମୁକରମ୍ ମୁସ୍‌ତନ୍‌ସର୍ ଅହେମଦ୍ ସହେବ ହଜୁର ଅନଓ୍ୱର ଅ:ବ:ଅଙ୍କୁ ସ୍ୱାଗତ ଜଣାଇଲେ ଓ ହାତ ମିଳାଇବାର ସୌଭାଗ୍ୟ ପାଇଲେ ।

ଏହାପରେ ହଜୁର ଅନଓ୍ୱର ଅ:ବ:ଅ ସାମିୟାନା ଭିତରକୁ ପ୍ରବେଶ କଲେ ଯେଉଁଠି ନିୟମିତ ରୂପେ ଏହି ସଭାର ସୁଭରାମ୍ଭ ପବିତ୍ର କୁର୍‌ଆନ୍‌ର ଆବୃତି ସହିତ ଆରମ୍ଭ ହେଲା । ମୁକରମ୍ ସ୍ୱାଲେହ୍ ଅହେମଦ୍ ସାହେବ ତିଲାଓ୍ୱତ୍ କଲେ ଏବଂ ମୁକରମ୍ ବେହେଜାଦ୍ ଅହେମଦ୍ ସାହେବ ତାହାର ଜର୍ମାନୀ ଭାଷାରେ ଅନୁବାଦ ପଢ଼ି ଶୁଣାଇଲେ । ତା'ପରେ ମୁକରମ୍ ନ୍ୟାସନାଲ୍ ଅମୀର୍ ସାହେବ ଜର୍ମାନୀ ନିଜର ପରିଚୟ ମୁଳକ ଅଭିଭାଷଣ ଉପସ୍ଥାପନ କଲେ ।

ଅମୀର୍ ସାହେବ ସର୍ବ ପ୍ରଥମେ ଏହି ସହରର ସଂକ୍ଷିପ୍ତ ପରିଚୟ ଦେଇ ବତାଇଲେ ଯେ, Nordhorn ର ସହର Graftschaft Bentheim ର ସର୍କଲର ଗୋଟିଏ ସହର ଅଟେ ଓ ଏହା ହଲାଣ୍ଡର ସୀମାରେ ଅବସ୍ଥିତ । ଏହି ସହର ହେଉଛି Niedersachsen ରାଜ୍ୟର ଗୋଟିଏ ସହର । ଏହି ସହରରେ ଗୋଟିଏ ନଦୀ ରହିଛି ତାହା Vechte ନାମରେ ପ୍ରସିଦ୍ଧ ତାହା ସହିତ ଆହୁରି ଚ୍ୟାନେଲ ମଧ୍ୟ ଅଛନ୍ତି ତାହା ମଧ୍ୟ ଦେଇ ଏହି ନଦୀଟି ଅବଭାହିତ ହେଉଛି । Nordhorn ର ସହର ପୂର୍ବ ଯୁଗରେ Textile Industry ଭାବେ ମଧ୍ୟ ପ୍ରସିଦ୍ଧ ଥିଲା । ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଉଣା ଅଧିକେ ୧୦ ହଜାର ଲୋକ ପୂର୍ବ ଜର୍ମାନୀରୁ Nordhorn ସହରରେ ଆସି ବସବାସ କଲେ । ଏବେ ଏଠାରେ ଶରଣାର୍ଥୀଙ୍କ ପାଇଁ ଗୋଟିଏ ସେଂଟର ନିର୍ମାଣ କରାଯାଇଛି । ଯେଉଁଠି ୪ ଶହ ଶରଣାର୍ଥୀ ଆସି ରହିଛନ୍ତି ଏବଂ କାଲି ଦୁଇ ହଜାର ମୁହାଜିର୍ ଆସିବେ । ଏ ପ୍ରସଙ୍ଗରେ ଯମାତ୍ ଅହେମଦୀୟା ଜର୍ମାନୀ ନିଜର ସେବା ପ୍ରଦାନ କରିଛି ଏବଂ ମେୟର ସାହେବଙ୍କୁ ଗୋଟିଏ ଚିଠି ଲେଖି ପଠାଇଛି ।

ଏହି ସହରରେ ଯମାତ୍‌ର ସ୍ଥାପନ ୧୯୮୫ ମସିହାରେ ହୋଇଥିଲା । ସେତେବେଳେ ପାଖାପାଖି ୩୦ ଜଣ ସଦସ୍ୟ ଏଠାକୁ ଆସି ବସବାସ କଲେ । ଏଠିକାର ଯମାତ୍‌ର ସମ୍ବନ୍ଧ ମେୟରଙ୍କ ସହିତ ବହୁତ ଉତମ ସମ୍ବନ୍ଧ ରହିଛି ତେଣୁ ଏଠାରେ କେବଳ ବର୍ତମାନର ମେୟର୍ ମହଜୁଦ୍ ନାହାନ୍ତି ବରଂ ବିଗତ ଦୁଇଜଣ ମେୟର ମଧ୍ୟ ଉପସ୍ଥିତ ଥିଲେ । ଯମାତ୍‌ର Nordhorn ପ୍ରତ୍ୟେକ ବର୍ଷ ପ୍ରଥମ ଜାନୁୟାରୀକୁ ସହର ଭିତରେ ଥିବା ସଡ଼କ ଗୁଡ଼ିକର ସଫାଇ କାର୍ଯ୍ୟ କରିଥାଏ । ସେହିପରି ତବଲିଗ୍ ପ୍ରୋଗ୍ରାମ ଗୁଡ଼ିକୁ ଅନଷ୍ଠିତ କରିଥାଏ ଏବଂ ତବଲିଗ୍ ଷ୍ଟଲ୍ ମଧ୍ୟ ଲଗାଇଥାଏ ।

ମସଜିଦ୍ ନିର୍ମାଣ ପ୍ରସଙ୍ଗରେ ଅମୀର ସହେବ ବତାଇଲେ ଯେ, ଏହି ମସଜିଦ୍ ଟି ଗୋଟିଏ Modular Design ଯାହାର ନକ୍ସା କିଛି ଅହେମଦୀ ମହିଳା ଆର୍କିଟେକ୍ସ ପ୍ରସ୍ତୁତ କରିଛନ୍ତି । ଏହି ମସଜିଦ୍‌ରେ ନମାଜ ପଢ଼ିବା ନିମନ୍ତେ ୬୦ ବର୍ଗମିଟର କ୍ଷେତ୍ରଫଳର ଦୁଇଟି ହଲ୍ ହେବ । ୪୨ ବର୍ଗମିଟର୍ ଆଛାଦିତ୍ ଗୋଟିଏ ମଲ୍ଟି ପ୍ରପୋଜ୍ ରୁମ୍ ହେବ ଏତଦ୍‌ବ୍ୟତିତ ଦୁଇଟି କାର୍ଯ୍ୟାଳୟ, ଦୁଇଟି କିଚେନ୍ ଏବଂ ଆଉ ଗୋଟିଏ ରୁମ୍ କେୟାରଟେକରଙ୍କ ପାଇଁ ମଧ୍ୟ ରହିବ । ମସଜିଦ୍‌ରେ ଗୋଟିଏ ଟେକ୍‌ନିକାଲ୍ ରୁମ୍ ଏବଂ ଓ୍ୱାସ୍‌ରୁମ୍ ମଧ୍ୟ ହେବ । ମିନାରର ଉଚ୍ଚତା ୧୨ ମିଟର ଏବଂ ଗମ୍ବୁଜ୍‌ର ଗୋଲେଇ ୬ ମିଟର । ଯଦି ଆବଶ୍ୟକ ହୁଏ ତେବେ ଏ କଥାର ମଧ୍ୟ ସ୍ଥାନ ରଖାଯାଇଛି ଯେ, ପରେ ଗୋଟିଏ ମୁରବୀ ହାଉସ୍ ବନାଯାଇ ପାରିବ । ପ୍ଲଟ୍‌ର ମୋଟ କ୍ଷେତ୍ରଫଳ ହେଉଛି ୧୫୭୪ ବର୍ଗ ମିଟର୍ ଏବଂ ଏହି ପ୍ଲଟ୍‌ର କିଣାବିକା ଚୁକ୍ତି ୦୯ ଅକ୍ଟୋବର ୨୦୧୫ ଦିନ ଅନୁଷ୍ଠିତ ହୋଇଥିଲା ଏବଂ ଏହାକୁ ୪୦୦୦୦ ୟୁରୋ ବିନିମୟରେ କିଣା ଯାଇଛି ।

ଅମୀର ସାହେବଙ୍କ ଅଭୀଭାଷଣ ପରେ, ହେଲିନା ହୁନ୍ ସାହିବା ଡ଼େପୁଟି କମିଶନର୍ ନିଜର ବକ୍ତବ୍ୟ ପ୍ରଦାନ କଲେ । ସେ କହିଲେ ମହାମହିମ୍ ଖଲିଫତୁଲ୍ ମସିହ ! ମୁଁ ଆଜି ଏହି ଅବସରରେ ହଜୁର ଅନଓ୍ୱରଙ୍କୁ ସ୍ୱାଗତ ଜଣାଉଛି ଓ ଆପଣମାନଙ୍କୁ ଧନ୍ୟବାଦ ଜଣାଉଛି ଯେ. ଆପଣ ଏଠାକୁ ଆସିଲେ । ଆପଣଙ୍କ ଯାତ୍ରା ବହୁତ ଭଲ ଭାବେ ଅତିବାହିତ ହୋଇଥିବ ଓ ଏହି ସହରରେ ରହଣୀ ଆପଣଙ୍କୁ ପସନ୍ଦ ହେବ ।

ଯମାତ୍ ଅହେମଦୀୟା ସମ୍ବନ୍ଧରେ ମୁଁ ଜାଣିବାକୁ ପାଇଲି ଯେ, ଏହା ହେଉଛି ଏକ ବଡ଼ ଶାନ୍ତିପ୍ରୀୟ ଯମାତ୍ । ଏହା ଗୋଟିଏ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ କଥା ଯେ, ଏଠାରେ ବିଭିନ୍ନ ଜାତି ଏବଂ ବିଭିନ୍ନ ଧର୍ମର ଲୋକମାନେ ଏକାଠି ରହିପାରିବେ । ସମସ୍ତେ ଶାନ୍ତି ଏବଂ ସୌହାର୍ଦ୍ଦ୍ୟ ସହିତ ରହୁଛନ୍ତି ଓ ଜଣେ ଅନ୍ୟଜଣକୁ ସମ୍ମାନ ଜଣାଉଛି । ସେ ପୁଣି କହିଲେ ଯେ, ଯମାତ୍ ଅହେମଦୀୟାର ଲୋକମାନେ ଜାନୁୟାରୀ ପହିଲା ଦିନ ସଫାଇ କାର୍ଯ୍ୟକ୍ରମ କରିଥାନ୍ତି ଏବଂ ନୁଆ ବର୍ଷର ଆଗମନରେ ସଡ଼କ ଏବଂ ରାସ୍ତାଗୁଡ଼ିକୁ ସଫା କରିଥାନ୍ତି । ଏହି କାମ ସେ ନିଜ ଦାୟିତ୍ୱରେ ନେଇଛନ୍ତି । ଏହା ବହୁତ ସମ୍ମାନର କଥା । ପୁଣି ଯମାତ୍ ରିଫ୍ୟୁଜିଙ୍କ ପାଇଁ ସାହାଯ୍ୟ ଦେବାର ଯେଉଁ ଆଗ୍ରହ ଦେଖାଇଛି ଏହା ସବୁ ପ୍ରମାଣ କରୁଛି ଯେ, ଏହି ଯମାତ୍ ଏହି ସହର ପାଇଁ ବହୁତ ହିତକାରୀ ହେବ । ଆପଣଙ୍କ ଅନୁବାଦ କରିବାର ସାମର୍ଥ୍ୟ ଆମମାନଙ୍କ ପାଇଁ ପ୍ରଶଂସା ଯୋଗ୍ୟ । ସେଥିଯୋଗୁଁ ଆପଣଙ୍କୁ ଧନ୍ୟବାଦ ଜଣାଉଛି ।

କ୍ରମଶଃ.........

---

ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷର ସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଅଂଚ,ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢ଼ିନେବେ ।

---

### କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

''ପବିତ୍ର କୋରାନ୍‌କୁ ବୁଝିବା ଓ ତା' ମୁତାବକ ହିଦାୟତ୍ ପାଇବା ପାଇଁ ଅସଲ ଆବଶ୍ୟକତା ହେଉଛି ତକ୍ୱା (ଅର୍ଥାତ୍ ଧର୍ମପରାୟଣତା)''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୧୨୧)*

ତାଲିବେ ଦୁଆ: *Idrish Khan, Jamat Ahmadiyya, Kerang (Odisha)*

---

### କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

''ଏହି ନୁସ୍‌ଖା (ଅର୍ଥାତ୍ ବିଧି)କୁ ସର୍ବଦା ମନେରଖ ଓ ଏଥିରୁ ଲାଭ ଉଠାଅ ଅର୍ଥାତ୍ ଯେବେ କୌଣସି ଦୁଃଖ ବା ଦୁର୍ଦ୍ଦଶା ଆସେ ତେବେ ତତ୍‌କ୍ଷଣାତ୍ ନମାଜ୍‌ରେ ଛିଡ଼ା ହୋଇଯାଅ ।''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୯୬)*

ତାଲିବେ ଦୁଆ: *Sharif-u-ddin Khan, Jamat Ahmadiyya, Kerang (Odisha)*

---

### ହଜରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ

''ଆମେ ସେତେବେଳେ ବାସ୍ତବିକ ଅହେମଦି ହୋଇପାରିବା ଯେତେବେଳେ ଆମେ ଅସ୍ଥାୟୀ ଓ ସାଂସାରିକ କାମନା ଓ ଭୋଗବିଳାସକୁ ନିଜର ଉଦ୍ଦେଶ୍ୟ ନ ବନାଇବା''

*(ଖୁତ୍‌ବା ଯୁମାଃ ପ୍ରଦତ ୫ ମଇ ୨୦୧୭)*

ତାଲିବେ ଦୁଆ: *Amiruddin Khan & Family, Jamat Ahmadiyya, Kerang (Odisha)*

---

### ହଜରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ

''ଯଦି ତୁମେ ଚାହୁଁଛ ଯେ, ତୁମକୁ ଇହକାଳ ଓ ପରକାଳରେ ସଫଳତା ମିଳୁ ଓ ତୁମେ ଲୋକମାନଙ୍କ ଉପରେ ବିଜୟପ୍ରାପ୍ତ କର, ତେବେ ପବିତ୍ରତା ଅବଲମ୍ବନ କର, ନିଜକୁ ସୁଧାର ଓ ଅନ୍ୟମାନଙ୍କୁ ନିଜ ଉତମ ଚରିତ୍ରର ନମୁନା ଦେଖାଅ, ତେବେ ନିଶ୍ଚିତରୂପେ ସଫଳ ହେବ ।''

*(ଖୁତ୍‌ବା ଜୁମା ପ୍ରଦତ ୧ ଜାନୁୟାରୀ ୨୦୧୬)*

ତାଲିବେ ଦୁଆ: *Anisha Begum, Jamat Ahmadiyya, Kerang (Odisha)*

EDITOR
Qamarul Haque Khan
Sub-Editor : Maqsood Ali Khan
Mob : (+91) 9437128786
e-mail :odiabadar@gmail.com

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUNODI/2016/68750
Weekly **BADAR** Qadian ସାପ୍ତାହିକ ବଦର କାଦିଆନ
Dist: Gurdaspur (Pb.) INDIA Qadian - 143516
Postal Reg. No.GDP-40/2017-2019 Vol.4 Thursday 12 Dec 2019 Issue No. 50

MANAGER
NAWAB AHMAD
Tel : +91 -1872-224757
Mobile. : +91 - 94170-20616
e-mail :managerbadrqnd@gmail.com

**ANNUAL SUBSCRIPTION:**Rs.500/- (Per Issue:Rs.9/-) (**WEIGHT** - 20-50gms/issue)

# ସୟଦ୍‌ନା ହଜ୍‌ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଙ୍କ ୟୁରୋପ ଗସ୍ତ - (ଅକ୍ଟୋବର ୨୦୧୫)

ତା'ପରେ ଠିକ୍ ୮ ଟା ବେଳେ ବଇତୁଲ୍ ନୂର୍ ଠାରେ ପହଂଚି ମଗ୍ରିବ୍ ଏବଂ ଇଶା ନମାଜ ଜମା କରି ପଢ଼ାଇଲେ । ନମାଜ ପାଠପରେ ହଜୁର ଅନଓ୍ୱର ଅ:ବ:ଅ ନିଜ ଆବାସସ୍ଥଳୀକୁ ଚାଲିଗଲେ ।

**ବଇତୁଲ୍ ମେହମୁଦ୍ ଆମ୍‌ଷ୍ଟରଡ଼ମ୍**

ହଲାଣ୍ଡରେ ଯମାତ୍‌ର ଦୁଇଟି କେନ୍ଦ୍ର ରହିଛି ମସ୍‌ଜିଦ୍ ମୁବାରକ୍ (DEN HAG ) ଏବଂ ବଇତୁଲ୍ ନୂର୍ (NUNSPEET) ର ଚର୍ଚ୍ଚା ବିଗତ ରିପୋର୍ଟରେ ହୋଇ ସାରିଛି ଏବେ ଏଠାରେ ଆଉ ଗୋଟିଏ ଅର୍ଥାତ ତୃତୀୟ କେନ୍ଦ୍ରର ଚର୍ଚ୍ଚା କରାଯାଉଛି ।

ଯମାତ୍‌ର ଏହି ତୃତୀୟ କେନ୍ଦ୍ର "ବଇତୁଲ୍ ମେହମୁଦ୍" ଆମ୍‌ଷ୍ଟରଡ଼ମ୍‌ଠାରେ ଅବସ୍ଥିତ । ଏହାର ମୋଟ କ୍ଷେତ୍ରଫଳ ହେଉଛି ୧୦୦୦୦ ବର୍ଗମିଟର୍ ଏବଂ ଏହା ୨୦୦୮ ମସିହାରେ ୯ ଲକ୍ଷ ୮୦ ହଜାର ୟୁରୋରେ କିଣା ଯାଇଥିଲା । ଏହି ଜମି ଖଣ୍ଡକ ଆମ୍‌ଷ୍ଟରଡ଼ମ୍ ସହରର କୋଣରେ ଅବସ୍ଥିତ, ଆମ୍‌ଷ୍ଟରଡ଼ମ୍‌ଠାରୁ ଭୋଲେନ୍‌ଡ଼ାନ ସହରଆଡ଼କୁ ଯାଉଥିବା ମୁଖ୍ୟ ରାସ୍ତା Ring-10 ରେ ଅବସ୍ଥିତ । ଏହି ଜମି ଖଣ୍ଡିକରେ ତିନୋଟି ବେଡ୍‌ରୁମ୍ ଏବଂ ଗୋଟିଏ ବଡ଼ ଡ୍ରଇଙ୍ଗ୍ ରୁମ୍, ରୋଷେଇ ଘର ଏବଂ ଗାଧୁଆଘରର ସୁବିଧା ରହିଛି ଓ ତାହାର ଅଲଗା ଗୋଟିଏ ସୁନ୍ଦର ଲନ୍ ରହିଛି । ଏହି ଆବାବସସ୍ଥଳୀର ଅଟ୍ଟାଳିକା ସହିତ ସଲଗ୍ନ ଗୋଟିଏ ହଲ୍ ରହିଛି । ଯାହାର ଗୋଟିଏ ଭାଗକୁ ପୁରୁଷମାନଙ୍କ ନମାଜ ପଢ଼ିବା ନିମନ୍ତେ ବ୍ୟବହାର କରାଯାଉଅଛି । ଯେବେ କି ଆଉ ଗୋଟିଏ ଭାଗକୁ ଯମାତ୍‌ର ରୋଷାଶାଳା ପାଇଁ ବ୍ୟବହାର କରଯାଉଛି । ଅଳ୍ପ ଟିକିଏ ଦୁରତାରେ ଆଉ ଗୋଟିଏ ହଲ୍ ନିର୍ମାଣ କରାଯାଇଛି ତାହା ମହିଳାମାନଙ୍କ ନିମନ୍ତେ ତିଆରି ହୋଇଅଛି ।

ମେନ୍ ଗେଟ୍ ଦେଇ ଭିତରକୁ ଆସିବା ବେଳେ ବାମ ପଟେ ଗୋଟିଏ ଛୋଟିଆ ହଲ୍ ରହିଛି ଯେଉଁଥିରେ ବିଭିନ୍ନ କାର୍ଯ୍ୟାଳୟ ନିର୍ମାଣ କରାଯିବାର ଲକ୍ଷ୍ୟ ରହିଛି ।

ଏହି ଜମିର ଚର୍ତୁପାର୍ଶ୍ୱରେ ଉଚ୍ଚାଉଚ୍ଚା ଗଛମାନ ରହିଅଛି । ସେଥିଯୋଗୁଁ ଏକ ପ୍ରକାର ପ୍ରାକୃତିକ କାନ୍ଥ ସୃଷ୍ଟି ହୋଇଛି । ଓ ଏହି ଗଛ ଗୁଡ଼ିକର ବାହାରକୁ ତିନି ଦିଗରେ ଗୋଟିଏ ନାଳ ଭିତରେ ଏହି ଜମି ଖଣ୍ଡିକ ଘେରା ହୋଇଅଛି ଯେବେ କି ଆଉ ଗୋଟିଏ ପଟେ ସଡ଼କ ରହିଅଛି । ଏଠାରେ ସେଓ, ନାସ୍‌ପାତି ଏବଂ ଅଖରୋଟ୍‌ର ବହୁତ ଗୁଡ଼ିଏ ବୃକ୍ଷ ମହଜୁଦ ହୋଇଅଛି ।

ହଜୁର ଅନଓ୍ୱର ଅ:ବ:ଅ ନିଜର ହଲାଣ୍ଡ ଗସ୍ତ ସମୟରେ ୧୩ ଅକ୍ଟୋବର ୨୦୦୮ ମସିହାରେ ଏହି ସେଂଟରକୁ ପରିଦର୍ଶନ କରିବା ପାଇଁ ଯାଇଥିଲେ । ହଜୁର ଅନଓ୍ୱର ଅ:ବ:ଅ ନମାଜ ଜୋହର୍ ଏବଂ ଅସର ପଢ଼ାଇଥିଲେ ଓ ତା'ପରେ ଶେହତୁତ୍‌ର ଗୋଟିଏ ଚାରା ମଧ୍ୟ ରୋପଣ କରିଥିଲେ ଓ ଏ ନିର୍ଦ୍ଦେଶ ମଧ୍ୟ ଦେଇଥିଲେ ଯେ, ଏଠାରେ ଗ୍ରୀନ୍ ହାଉସ୍ ବନାନ୍ତୁ ।

ଏବେ ଅଲ୍ଲାଃ ତାଲାଙ୍କ କୃପାରୁ ହଲାଣ୍ଡ ଯମାତ୍‌ର ଚତୁର୍ଥ ମର୍କଜ ଅଲ୍‌ମେରେ ସହରଠାରେ ତିଆରି ହେବ । ହଜୁର ଅନଓ୍ୱର ଅ:ବ:ଅ ନିଜର ଗସ୍ତ ସମୟରେ ୭ ଅକ୍ଟୋବର ୨୦୧୫ ମସିହାରେ ମସଜିଦ୍ ବଇତୁଲ୍ ଆଫିୟତ୍‌ର ଭିତିପ୍ରସ୍ତର ରଖିଥିଲେ । ମସଜିଦ୍ ସହିତ ଯମାତ୍‌ର କାର୍ଯ୍ୟାଳୟ ଏବଂ ଆବାସସ୍ଥଳୀ ମଧ୍ୟ ନିର୍ମାଣ କରାଯିବ ।

**ହଲାଣ୍ଡର ଖବରକାଗଜ ଗୁଡ଼ିକରେ ଯମାତି ଖବର ପ୍ରକାଶିତ**

ହଲାଣ୍ଡର ନ୍ୟାସନାଲ୍ ଖବରକାଗଜ ALGEMENN DAGBLAD ଆଜିର ୧୩ ଅକ୍ଟୋବର ସଂଖ୍ୟାରେ ଏମିତି ଲେଖିଛି । "ଆଜିର ସୁନ୍ଦର ଚିଠି: ଶାନ୍ତିର ଖଲିଫାଙ୍କ ବାର୍ତ୍ତା ଉପରେ ଧ୍ୟାନ ଦେବା ଉଚିତ ।

ବହୁ ଦିନ ହେବ ମିଡ଼ିଆ ଏ ଖବର ପ୍ରକାଶ କରୁଅଛି ଯେ, ମୁସଲମାନମାନଙ୍କୁ ନିଜର ସ୍ୱର ଉତଳନ କରିବା ଉଚିତ ଯେ, ସେମାନେ ସଂନ୍ତ୍ରାସବାଦ ନୁହନ୍ତି ଏବଂ ନାହିଁ ସେ ପ୍ରକାରର ଜିହାଦ୍‌କୁ ମାନୁଛନ୍ତି । ଏହିପରି ଖବରକାଗଜ ଗୁଡ଼ିକ ଏହିଭଳି ଖବରରେ ପରିପୂର୍ଣ୍ଣ ହୋଇଥାଏ ଯେ, ଓ୍ୱାଇଲ୍ଡର୍ସ ଏବଂ ସେହିପରି ମନୋଭାବ ରଖିଥିବା ଲୋକମାନେ ଶରଣାର୍ଥୀ ମାନଙ୍କୁ ଦେଶରେ ଶରଣ ଦେବାକୁ ଚାହାନ୍ତି ନାହିଁ କାରଣ ସନ୍ତ୍ରାସବାଦ କାର୍ଯ୍ୟକଳାପର ବିପଦ ରହିଛି । କିନ୍ତୁ ଏବେ ପରିଶେଷରେ ଗୋଟିଏ ସ୍ୱର ଉତଳନ ହୋଇଛି । ଖଲିଫା ମିର୍ଜା ମସରୁର୍ ଅହେମଦ୍ ସାହେବଙ୍କ ବାର୍ତ୍ତା ହେଉଛି ଶାନ୍ତିର ବାର୍ତ୍ତା । ତାଙ୍କୁ House of Representative ରେ ନିମନ୍ତ୍ରଣ କରାଯାଇଥିଲା । ସେଠାରେ ସେ ନିଜର ଶାନ୍ତିପୂର୍ଣ୍ଣ ମିଶନ୍ ସମ୍ବନ୍ଧରେ ବତାଇଲେ ।

**୧୪ ଅକ୍ଟୋବର ୨୦୧୫ (ବୁଧବାର)**
**ନନ୍‌ସ୍ପିଟ୍ ହଲାଣ୍ଡରୁ ଯାତ୍ରା ଆରମ୍ଭ କରି ବଇତୁସ୍ ସବୁହ୍**
**ଫ୍ରାଙ୍କଫ୍ରଟ (ଜର୍ମାନୀ)ଠାରେ ପଦାର୍ପଣ**

ହଜୁର ଅନଓ୍ୱର ଅ:ବ:ଅ ସକାଳ ୬:୪୫ ମିନିଟ୍‌ରେ ବଇତୁଲ୍ ନୂରଠାରେ ପହଂଚି ଫଜର୍ ନମାଜ ପଢ଼ାଇଲେ, ନମାଜ ପାଠପରେ ହଜୁର ଅନଓ୍ୱର ଅ:ବ:ଅ ନିଜ ଆବାସସ୍ଥଳୀକୁ ଚାଲିଗଲେ ।

ସକାଳ ଠିକ୍ ୭:୪୫ ମିନିଟ୍‌ରେ ହଜୁର ଅନଓ୍ୱର ଅ:ବ:ଅ ନିଜ ଆବାସସ୍ଥଳୀର ବାହାରକୁ ବାହାରିଲେ ଓ ଆଜି ବି ମଧ୍ୟ ସାଇକେଲ ଜରିଆରେ ପ୍ରାତଃ ଭ୍ରମଣ ପାଇଁ ଯାତ୍ରା କଲେ । ହଜୁର ଅନଓ୍ୱର ଅ:ବ:ଅ ଜଙ୍ଗଲ ଭିତରେ ଭିନ୍ନ ଭିନ୍ନ ରାସ୍ତାକୁ ଅତିକ୍ରମ କରି ହ୍ରଦ ନିକଟରେ ପହଂଚିଲେ ଓ ସେଠାରେ କିଛି ସମୟ ପାଦରେ ଚାଲିଲେ ଓ ହଜୁରଙ୍କ ସହିତ ଆସିଥିବା ଖୁଦାମ୍ ମାନଙ୍କ ସହିତ ବାର୍ତ୍ତାଳାପ କଲେ । ଆଜି ମଧ୍ୟ ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ପଚିଶ ରୁ ତିରିଶ ଜଣ ଖୁଦାମ୍ ପ୍ରାତଃ ଭ୍ରମଣରେ ସାମିଲ ହୋଇଥିଲେ । ସେଠାରେ କିଛି ସମୟ ଅତିବାହିତ କରିବା ପରେ ଫେରିବା ସମୟରେ ମଧ୍ୟ ବିଭିନ୍ନ ରାସ୍ତା ଅତିକ୍ରମ କରି ଠିକ୍ ୮:୩୫ ମିନିଟ୍‌ରେ ହଜୁର ଅନଓ୍ୱର ଅ:ବ:ଅ ନିଜ ଆବାସସ୍ଥଳୀକୁ ପହଂଚିଲେ ।

ପ୍ରୋଗ୍ରାମ ମୁତାବକ ୧୦:୪୫ ମିନିଟ୍‌ରେ ହଜୁର ଅନଓ୍ୱର ଅ:ବ:ଅ ନିଜ ଆବାସସ୍ଥଳୀରୁ ବାହାରକୁ ବାହାରିଲେ । ନ୍ୟାସନାଲ୍ ମଜଲିସ୍ ଆମେଲାର ସଦସ୍ୟମାନେ, ମଜଲିସ୍ ଆମେଲା ଖୁଦାମୁଲ୍ ଅହେମଦୀୟାର ସଦସ୍ୟଗଣ, ଏଠାରେ କାମ କରୁଥିବା କାର୍କୁନ୍ ମାନେ, ଅତିଥି ସତ୍କାର ବିଭାଗ ଏବଂ ସିକ୍ୟୁରିଟି ଦେଉଥିବା ଖୁଦାମ୍ ବିଭିନ୍ନ ଗ୍ରୁପ୍ ଆକାରରେ ଆସି ନିଜ ପ୍ରୀୟ ଆକାଙ୍କ ସହିତ ଫଟୋ ଉଠାଇବାର ସୌଭାଗ୍ୟ ପ୍ରାପ୍ତ କଲେ ।

ଏହାପରେ ହଜୁର ଅନଓ୍ୱର ଅ:ବ:ଅ ବ୍ଲକ "ଏ" ର ପ୍ରଥମ ମହଲାରେ ସ୍ଥାପନ ହୋଇଥିବା ଲାଇବ୍ରେରୀର ନିରୀକ୍ଷଣ କଲେ । ହଜୁର ଅନଓ୍ୱର ଅ:ବ:ଅ ନ୍ୟାସନାଲ ସେକ୍ରେଟାରୀ ଇଶାଅତଙ୍କଠାରୁ ପଚାରି ବୁଝିଲେ ଯେ, ଆପଣ ପୁସ୍ତକ ଗୁଡ଼ିକର ପରଫେକସନ୍ କରିବା ଚକ୍ରରେ ପଡ଼ି ପୁସ୍ତକର ପ୍ରକାଶନରେ ବହୁତ ବିଳମ୍ବ କରିଦେଉଛନ୍ତି ଏଭଳି ବିଳମ୍ବ ହେବା ଉଚିତ ନୁହେଁ । ପୁସ୍ତକ ଗୁଡ଼ିକ ଶୀଘ୍ର ପ୍ରକାଶ ହେବା ଉଚିତ ।

ଅମୀର୍ ସାହେବ୍ ହଲାଣ୍ଡ ଜଣାଇଲେ ଯେ, ମସଜିଦ୍ ର ଯେଉଁ ପୁରୁଣା ହଲ୍ ରହିଛି ତାକୁ ସାମିଲ କରି ଏଠାରେ ଏବେ ସ୍ଥାୟୀଭାବେ ପ୍ରଦର୍ଶନୀ ଲଗାଇବାର ପ୍ରୋଗ୍ରାମ ରହିଛି । ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ ଯେ, ଏଥିପାଇଁ ନିୟମିତ ଗୋଟିଏ ପ୍ଲାନିଙ୍ଗ କରନ୍ତୁ, ଆର୍କିଟେକ୍ଟକୁ ଡ଼ାକନ୍ତୁ ଏବଂ ନିୟମିତ ପ୍ଲାନିଙ୍ଗ କରନ୍ତୁ । ଏଠାରେ ନିଜ ଯମାତ୍‌ର ପୁରୁଣା ଇତିହାସର ଫଟୋ ଲଗାନ୍ତୁ ଏବଂ ଏ ସମ୍ବନ୍ଧରେ ମର୍କଜର ମଖ୍‌ଜନେ ତସାୱିର୍ ବିଭାଗ ଠାରୁ ମଧ୍ୟ ମାର୍ଗଦର୍ଶନ ନିଅନ୍ତୁ ।

ଏହାପରେ ହଜୁର ଅନଓ୍ୱର ଅ:ବ:ଅ ନିଜ ଆବାସସ୍ଥଳୀକୁ ଚାଲିଗଲେ । ଆଜି ପ୍ରୋଗ୍ରାମ ମୁତାବକ ନନ୍‌ସ୍ପିଟ୍‌ରୁ ଫ୍ରାଙ୍କଫର୍ଟ (ଜର୍ମାନୀ) ନିମନ୍ତେ ଗସ୍ତ କରିବାର ଥିଲା । ନିଜ ପ୍ରୀୟ ଆକାଙ୍କୁ ବିଦାୟ ଦେବାପାଇଁ ଯମାତ୍‌ର ସଦସ୍ୟମାନେ ମିଶନ ହାଉସ୍‌ର ବାହ୍ୟ ପ୍ରାଙ୍ଗଣରେ ଏକତ୍ରୀତ ହୋଇଥିଲେ । ଠିକ୍ ୧୧:୫୦ ମିନିଟ୍‌ରେ ହଜୁର ଅନଓ୍ୱର ଅ:ବ:ଅ ନିଜ ଆବାସସ୍ଥଳୀରୁ ବାହାରକୁ ବାହାରିଲେ ଓ ଯମାତ୍‌ର ସଦସ୍ୟମାନଙ୍କ ଗହଣରେ କିଛି ସମୟ ପାଇଁ ରହିଲେ ପ୍ରତ୍ୟେକ ବ୍ୟକ୍ତି ଦର୍ଶନ କରୁଥିଲେ ଓ ଛୋଟ ଛୋଟ ଝିଅପିଲାମାନେ ଦଳବଦ୍ଧ ହୋଇ ସମବେତ କଣ୍ଠରେ ନଜମ୍ ପାଠ କରୁଥିଲେ ।

ହଜୁର ଅନଓ୍ୱର ଅ:ବ:ଅ ଦୁଆ କରାଇଲେ ଓ ନିଜର ହାତକୁ ଉପରକୁ ଉଠାଇ ଅସଲାମୁ ଆଲୈକୁମ୍ କହିଲେ ଓ କାଫିଲା ଟି ନନ୍‌ସ୍ପିଟ୍‌ରୁ ଜର୍ମାନୀ ନିମନ୍ତେ ଯାତ୍ରା କଲା । ହଲାଣ୍ଡ ଯମାତ୍‌ର ଦୁଇଟି ଗାଡ଼ି କାଫିଲା ସହିତ ଥିଲା ସେଥି ମଧ୍ୟରୁ ଗୋଟିଏ ଗାଡ଼ି କାଫିଲାକୁ ଏସକର୍ଟ କରୁଥିଲା । ଜର୍ମାନୀ ଯମାତ୍‌ର ଖୁଦାମ୍‌ଙ୍କର ମଧ୍ୟ ଗୋଟିଏ ଗାଡ଼ି କାଫିଲା ସହିତ ଥିଲା । ଜର୍ମାନୀ ଯମାତ୍‌ର ପାଂଚଜଣ ଖୁଦାମ୍ ବିଶିଷ୍ଟ ଗୋଟିଏ ସିକ୍ୟୁରିଟି ଟିମ୍ ହଜୁର ଅନଓ୍ୱର ଅ:ବ:ଅଙ୍କର ଲଣ୍ଡନରୁ ହଲାଣ୍ଡ ଆଗମନ ପୂର୍ବରୁ ହଲାଣ୍ଡରେ ପହଂଚି ସାରିଥିଲା । ହଜୁର ଅନଓ୍ୱର ଅ:ବ:ଅଙ୍କ ହଲାଣ୍ଡର ରହଣି ସମୟରେ ସେମାନେ ହଲାଣ୍ଡର ଖୁଦାମ୍ ମାନଙ୍କ ସହିତ ମିଶି ସିକ୍ୟୁରିଟି ଡ୍ୟୁଟି ସମ୍ପାଦନ କରୁଥିଲେ । ଆଜି ମଧ୍ୟ ସେହି ଟିମ୍ କାଫିଲା ସହିତ ଡ୍ୟୁଟି ଦେବାପାଇଁ ଥିଲା ।

ନନ୍‌ସ୍ପିଟ୍ (ହଲାଣ୍ଡ) ଠାରୁ ଜର୍ମାନୀର ବର୍ଡ଼ର ପାଖାପାଖି ଶହେ କି.ମି । ବର୍ଡ଼ରଠାରୁ ଆଗକୁ ୩୦ କି.ମି ଦୁରତା ଅତିକ୍ରମ କରିବା ପରେ ଜର୍ମାନୀର ସହର NORDHORN ଆସିଥାଏ । ଆଜି ଏହି ସହରରେ "ମସଜିଦ୍ ସାଦିକ୍"ର ଭିତିପ୍ରସ୍ତର ସ୍ଥାପନ କରାଯିବାର ପ୍ରୋଗ୍ରାମ ରଖାଯାଇଥିଲା । ଭିତିପ୍ରସ୍ତର ସ୍ଥାପନର ଏହି ପ୍ରୋଗ୍ରାମ ପରେ ଆଗକୁ ଫ୍ରାଙ୍କଫର୍ଟ ନିମନ୍ତେ ଯାତ୍ରା କରିବାର ପ୍ରୋଗ୍ରାମ ଥିଲା । ଠିକ୍ ୧:୦୫ ମିନିଟ୍‌ରେ ବର୍ଡ଼ର ପାର ହୋଇ ଜର୍ମାନୀର ସିମା ମଧ୍ୟରେ ଦାଖିଲ୍ ହେଲେ । ଯେଉଁଠି ଯମାତ୍ ଅହେମଦୀୟା ଜର୍ମାନୀ ହଜୁର ଅନଓ୍ୱର ଅ:ବ:ଅ ସ୍ୱାଗତ ଜଣାଇଲା । ଏଠାରୁ ଜର୍ମାନୀ ଯମାତ୍‌ର ଗାଡ଼ି ଗୁଡ଼ିକ କାଫିଲାକୁ ଏସକର୍ଟ କଲେ । ଏବଂ ଆହୁରି ଅଧିକା ୨୦ ମିନିଟ୍ ଯାତ୍ରା କରିବା ପରେ ଠିକ୍ ୧:୨୫ ମିନିଟ୍‌ରେ ହୋଟେଲ୍ ରିଭର୍ ସାଇଡ଼୍‌ରେ ପହଂଚିଲେ । ପୂର୍ବ ନିର୍ଦ୍ଧାରିତ ପ୍ରୋଗ୍ରାମ ମୁତାବକ ଭିତିପ୍ରସ୍ତର ସ୍ଥାପନର ଉତ୍ସବ ପ୍ରସଙ୍ଗରେ ଏଠାରେ ସିମିତ ସମୟ ପାଇଁ

*ଅବଶିଷ୍ଟାଂଶ ପୃଷ୍ଠା- ୧୧ ରେ ଦେଖନ୍ତୁ...*

Printed & Published by: Jameel Ahmed Nasir on behalf of Nigran Board of Badar, Name of Owner :Nigran Board of Badar. And Printed at Fazle-Umar Printing Press, Harchuwal Road Qadian, Distt: Gurdaspur-143516, Punjab, India. And published at office of Weekly Badar Mohalla Ahmadiyya, Qadian Distt:Gsp-143516, Punjab.India. Editor: Qamarul Haque Khan